୬ ବୁମ୍ରାଙ୍କ ବଦଳରେ ରଣଜୀ କିଙ୍ଗ୍ ଆକିବ
ନବିଙ୍କୁ ଟେଷ୍ଟ ଟିମ୍‌ରେ ସାମିଲ କଲା ବିସିସିଆଇ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ-୩୩ ● ସଂଖ୍ୟା-୧୮୫ ● ୪ ଅଗଷ୍ଟ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-185 ● 4th August 2026, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### କଟକରେ ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କଲେ ରାଷ୍ଟ୍ରପତି

## ଯୁବପିଢ଼ିର ପ୍ରତିଭା ବିକାଶ ପାଇଁ ବିଶ୍ୱବିଦ୍ୟାଳୟ ସୃଷ୍ଟି ହେଉ

**କଟକ, ୩।୮ : ନ୍ୟୁଜ୍ ବ୍ୟୁରୋ**

ଭାରତରେ ଏକ ବୃହତ ଯୁବଶକ୍ତି ରହିଛନ୍ତି। ଏହା ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି। ଏହି ସମ୍ପତ୍ତିର ସଠିକ୍ ବ୍ୟବହାର ପାଇଁ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକରେ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ପଡିବ ଯେଉଁଠାରେ ଯୁବପିଢ଼ି ସେମାନଙ୍କର ପ୍ରତିଭାକୁ ସମ୍ପୂର୍ଣ୍ଣ ଭାବରେ ବିକଶିତ କରିପାରିବେ ଏବଂ ସେମାନଙ୍କର ସ୍ୱପ୍ନ ଓ ଆକାଂକ୍ଷାକୁ ସାକାର କରିପାରିବେ। ସେମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରିବାକୁ ପଡିବ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରକାଶ କରିଛନ୍ତି।

ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ସୋମବାର ଅପରାହ୍ନରେ କଟକର ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦଘାଟନ କରିବା ଅବସରରେ କହିଛନ୍ତି ଓଡ଼ିଶା ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ସେବାର ସମୃଦ୍ଧ ପରମ୍ପରା ଥିବା ଏକ ମାଟି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ପବିତ୍ର ମାଟି ଶହ ଶହ ବର୍ଷ ଧରି ସମାବେଶୀ ଭାବନା, କରୁଣା ଏବଂ ମାନବ କଲ୍ୟାଣର ବାର୍ତ୍ତା ପ୍ରଚାର କରିଆସିଛି। କଟକର ଏହି ଅଞ୍ଚଳ 'ଉତ୍କଳ ଗୌରବ' ମଧୁସୂଦନ ଦାସ, 'କର୍ମବୀର' ଗୌରୀଶଙ୍କର ରାୟ, ନେତାଜୀ ସୁଭାଷ ଚନ୍ଦ୍ର



ବୋଷ ଏବଂ ବିଜୁ ପଟ୍ଟନାୟକଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ଜନ୍ମଭୂମି ମଧ୍ୟ। ଏହା 'ଉତ୍କଳମଣି' ପଣ୍ଡିତ ଗୋପବନ୍ଧୁ ଦାସ ଏବଂ 'ଉତ୍କଳ କେଶରୀ' ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମଭୂମି। ଜନସେବା, ସାହିତ୍ୟ ଓ ସଂସ୍କୃତିରେ କଟକର ଅବଦାନ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ। ଏପରି ଏକ ଗୌରବଶାଳୀ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିବା ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ଆଧୁନିକ ଶିକ୍ଷା ସହିତ ସଂଯୋଜିତ କରିବା ସହ ସମାଜ ଓ (ପୃଷ୍ଠା ୭ରେ)

### ବନ୍ୟା ପ୍ରଭାବିତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୧୧୦ କୋଟିର ପ୍ୟାକେଜ୍ ଘୋଷଣା

## କ୍ଷୟକ୍ଷତି ଆକଳନ ପରେ ଦିଆଯିବ ଆର୍ଥିକ ସହାୟତା

**ଭୁବନେଶ୍ୱର, ୩।୮**
**ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବନ୍ୟା ପ୍ରଭାବିତଙ୍କ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହି ସହାୟତା ତୁରନ୍ତ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ପରେ ଆବଶ୍ୟକ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ରାସ୍ତା, ସେତୁ ଓ କ୍ଷତିଗ୍ରସ୍ତ ଅନ୍ୟାନ୍ୟ ଭିତ୍ତିଭୂମିର ମରାମତି ପାଇଁ ଚୂଡାନ୍ତ ଆକଳନ ପରେ ସହାୟତା ଯୋଗାଇ ଦିଆଯିବ।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ଯୋଗ୍ୟ ହିତାଧିକାରୀ ଓ ପରିବାରଙ୍କୁ ଗ୍ରାଚୁଇଟସ୍ ରିଲିଫ୍ ଯୋଗାଇ ଦିଆଯିବ ଏବଂ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଏହି ସହାୟତା ଜାରି ରହିବ।

ଏହି ନିଷ୍ପତ୍ତି ଅନୁଯାୟୀ ଘରବାଡ଼ି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚା ଘର ପାଇଁ ୪,୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ଘର ପାଇଁ ୮,୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩,୦୦୦ ଟଙ୍କା ଦିଆଯିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି



ନିମନ୍ତେ ଅଣଜଳସେଚିତ ଅଞ୍ଚଳ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଜମିରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ।

ବନ୍ୟାଜନିତ ମୃତ୍ୟୁ ଘଟଣାରେ ୬ ଜଣ ମୃତକଙ୍କ ନିକଟତମ ପରିବାରକୁ ବିପର୍ଯ୍ୟୟ ସହାୟତା ପାଣ୍ଠି ନିୟମାନୁଯାୟୀ ୨୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ (ପୃଷ୍ଠା ୭ରେ)

## ବନ୍ୟାରେ ଘର ଭାଙ୍ଗିଥିଲେ ମିଳିବ ୧.୨୦ ଲକ୍ଷ ଟଙ୍କା

**ଭୁବନେଶ୍ୱର, ୩।୮**
**ନ୍ୟୁଜ୍ ବ୍ୟୁରୋ**

ସୋମବାରଠାରୁ ବନ୍ୟା କ୍ଷୟକ୍ଷତି ଆକଳନ ଆରମ୍ଭ ହୋଇଛି । ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ରାଜସ୍ୱ ଏବଂ କୃଷି ବିଭାଗର ଅଧିକାରୀମାନେ ଆକଳନ କରୁଛନ୍ତି । ପ୍ରାଥମିକ ଆକଳନ ୪୨ କୋଟି ୮୦ ଲକ୍ଷ ବୋଲି ଆନୁମାନିକ ଆକଳନ ହୋଇଛି । ଜିଲ୍ଲାପାଳ ମାନଙ୍କୁ ୩୬ କୋଟି ୯୮ ଲକ୍ଷ ଟଙ୍କା ପଠାଯାଇଛି । ଆଜି ଆଉ ୧୧୦ କୋଟି ଟଙ୍କା ରାଜ୍ୟ ସରକାର ପଠାଇବେ । କ୍ଷୟକ୍ଷତି ଆକଳନ ସହ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ କାମ ଏକା ସହ ଚାଲିବ ।




ଗୃହପାଳିତ ପଶୁପକ୍ଷୀ କ୍ଷୟକ୍ଷତି ବାବଦକୁ ସରକାର ୧୨ କୋଟି ୮୮ ଲକ୍ଷ ପ୍ରଦାନ କରିବେ । ରିଲିଫ ସେଣ୍ଟର ପରିଚାଳନା ପାଇଁ ୨୬ କୋଟି ଟଙ୍କା ଯାଇଛି ।

ବନ୍ୟାରେ ସମୁଦାୟ ୨୨ ଜିଲ୍ଲା କ୍ଷତିଗ୍ରସ୍ତ ହୋଇଛି। ୮୫ ବ୍ଲକ ସହ ୧୫ ସହରାଞ୍ଚଳ ପ୍ରଭାବିତ ହୋଇଛି । (ପୃଷ୍ଠା ୭ରେ)

## ବିଜେପି ଗଡ଼ ବାଙ୍କୀପୁର ଉପନିର୍ବାଚନରେ ପ୍ରଶାନ୍ତ କିଶୋର ବିଜୟୀ

**ପାଟନା, ୩।୮**

ଜୁଲାଇ ୩୦ ତାରିଖରେ ବିହାରର ବାଙ୍କୀପୁର, ମଧ୍ୟପ୍ରଦେଶର ଦତିଆ ଓ ଗୁଜରାଟର ମାଞ୍ଜଲପୁରରେ ଅନୁଷ୍ଠିତ ବିଧାନସଭା ଉପନିର୍ବାଚନରେ ଫଳାଫଳ ସୋମବାର ବିଜେପି ଦୁଇଟି ଆସନରେ ପରାସ୍ତ ହୋଇଥିବାବେଳେ ଗୋଟିଏ ଆସନ ଜିତିଛି। ବାଙ୍କୀପୁରରେ ଜିତି ପ୍ରଶାନ୍ତ କିଶୋର ଓ ତାଙ୍କ ଜନ ସୁରାଜ ପାର୍ଟି ଇତିହାସ ରଚିଛନ୍ତି। ଗତ ୩୦ ବର୍ଷ ହେଲା ବାଙ୍କୀପୁର ବିଧାନସଭା ଆସନରେ ବିଜେପି ଜିତି ଆସୁଥିଲା। ଦତିଆରେ କଂଗ୍ରେସ ପ୍ରାର୍ଥୀ ଘନଶ୍ୟାମ ସିଂହ ଓ ଗୁଜରାଟର ମାଞ୍ଜଲପୁରରେ ବିଜେପି ପ୍ରାର୍ଥୀ ସତୀଶ ପଟେଲ ଜିତିଛନ୍ତି। ବିଜେପିର ଗଡ଼ କୁହାଯାଉଥିବା ବାଙ୍କୀପୁରରେ ଜିତି ପ୍ରଶାନ୍ତ କିଶୋରଙ୍କ ଜନ (ପୃଷ୍ଠା ୭ରେ)

### ବିକେପିପିଇଆରକୁ ମିଳିଲା ମଞ୍ଜୁରୀ

## ୫ ହଜାର କୋଟିର ପ୍ରାରମ୍ଭିକ ପ୍ରକଳ୍ପ ସହାୟତା ପ୍ରସ୍ତାବ

**ଭୁବନେଶ୍ୱର, ୩।୮**
**ନ୍ୟୁଜ୍ ବ୍ୟୁରୋ**

ସୋମବାର ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରକଳ୍ପ ମନିଟରିଂ କମିଟି ବୈଠକରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ସିଟି ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର) ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ପ୍ରକଳ୍ପ ପ୍ରସ୍ତାବ ରିପୋର୍ଟକୁ ମଞ୍ଜୁରୀ ଦିଆଯାଇଛି। ବାହ୍ୟ ସହାୟତାପ୍ରାପ୍ତ ପ୍ରକଳ୍ପ (ଇଏପି) ଅଧୀନରେ ଏହି ପ୍ରକଳ୍ପକୁ ଆଗକୁ (ପୃଷ୍ଠା ୭ରେ)



## ପଶ୍ଚିମ ଏସିଆରେ ଶାନ୍ତି ଆଶା ମଧ୍ୟରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ

**ନୂଆଦିଲ୍ଲୀ, ୩।୮**

ଆମେରିକା ଏବଂ ଇରାନ ମଧ୍ୟରେ ଶାନ୍ତି ଆଶା ପୁଣି ଥରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟକୁ କମ କରୁଛି। ସୋମବାର ବ୍ରେଣ୍ଟ ଅଶୋଧିତ ତୈଳ ଏବଂ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ଅଶୋଧିତ ତୈଳ ମୂଲ୍ୟ ପାଞ୍ଚ ପ୍ରତିଶତରୁ ଅଧିକ ହ୍ରାସ ପାଇଛି।ମୂଲ୍ୟ ହ୍ରାସ ଯୋଗୁଁ ବ୍ରେଣ୍ଟ ଅଶୋଧିତ ତୈଳ ପ୍ରତି ବ୍ୟାରେଲ ୮୩.୩୧ ରେ ପହଞ୍ଚିଛି, ଯେତେବେଳେ ଡବ୍ଲୁଟିଆଇ ଅଶୋଧିତ ତୈଳ ମଧ୍ୟ ୮୦ ତଳେ ଖସି ପ୍ରତି ବ୍ୟାରେଲ ୭୮.୭୮ ରେ ପହଞ୍ଚିଛି। ସୋମବାର ବ୍ରେଣ୍ଟ କ୍ରୁଡ୍ ପ୍ରତି ବ୍ୟାରେଲ ୩.୯୭ ହ୍ରାସ ସହିତ ୮୩.୯୬ ରେ କାରବାର ଆରମ୍ଭ କରିଥିଲା। ବାଣିଜ୍ୟ ଆରମ୍ଭ ହେବାର କିଛି ସମୟ ପରେ, ଏହାର ମୂଲ୍ୟ



କିଛି ସମୟ ପାଇଁ ବ୍ୟାରେଲ ୮୪.୧୧ କୁ ବୃଦ୍ଧି ପାଇଥିଲା, କିନ୍ତୁ ଏହା ପରେ ଏହାର ମୂଲ୍ୟ ହ୍ରାସ ପାଇବା ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ବାଣିଜ୍ୟରେ ହିଁ, ବ୍ରେଣ୍ଟ କ୍ରୁଡ୍ ପ୍ରତି ବ୍ୟାରେଲ ୮୩.୩୧ ଡଲାରକୁ ହ୍ରାସ ପାଇଥିଲା। କିନ୍ତୁ ଏହା ପରେ ଏହାର ମୂଲ୍ୟ ମଧ୍ୟ ଟିକିଏ ବୃଦ୍ଧି ପାଇଥିଲା। ଭାରତୀୟ ସମୟ ଅନୁସାରେ, ସକାଳ ୯:୩୦ରେ, ବ୍ରେଣ୍ଟ କ୍ରୁଡ୍ ପ୍ରତି ବ୍ୟାରେଲ ୪.୫୨ ଅର୍ଥାତ୍ ୫.୧୪ ପ୍ରତିଶତ ହ୍ରାସ ସହିତ ୮୩.୪୧ ରେ କାରବାର କରୁଥିଲା। ସେହିପରି, ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲୁଟିଆଇ) ଅଶୋଧିତ ତୈଳର କାରବାର ସୋମବାର ପ୍ରତି ବ୍ୟାରେଲ ୩.୮୬ ଡଲାର ଦୁର୍ବଳତା ସହିତ ୮୦.୮୧ ପ୍ରତି ବ୍ୟାରେଲ ସ୍ତରରେ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଏହା କିଛି ସମୟ ପାଇଁ ପ୍ରତି ବ୍ୟାରେଲ ୮୧.୩୦ କୁ ଡେଇଁଥିଲା, କିନ୍ତୁ ଏହା ପରେ ଏହାର ମୂଲ୍ୟ କମ ହେବା ଆରମ୍ଭ ହୋଇଥିଲା। ପ୍ରଥମ ଘଣ୍ଟାରେ ହିଁ, ଡବ୍ଲୁଟିଆଇ ଅଶୋଧିତ ତୈଳ ୮୦ ପ୍ରତି ବ୍ୟାରେଲ ସ୍ତରରୁ ଖସି ପ୍ରତି ବ୍ୟାରେଲ ୭୮.୭୮ ସ୍ତରରେ ପହଞ୍ଚିଥିଲା। ଭାରତୀୟ ସମୟ ଅନୁସାରେ ସକାଳ ୯:୩୦ରେ ଡବ୍ଲୁଟିଆଇ ଅଶୋଧିତ ତୈଳ ପ୍ରତି ବ୍ୟାରେଲ ୪.୯୧ ଅର୍ଥାତ୍ ୫.୮୦ ପ୍ରତିଶତ ହ୍ରାସ ସହିତ ୭୯.୭୬ ସ୍ତରରେ କାରବାର କରୁଥିଲା।

### ଆଜିର ମୁଖ୍ୟ ଖବର

- ଯୌନ ଅପରାଧ ମାମଲାରେ ସମ୍ବେଦନଶୀଳ ଭାଷା ଆପଣାନ୍ତୁ ନ୍ୟାୟଧୀଶମାନେ, ବିଶେଷଜ୍ଞ ସମିତିର ପରାମର୍ଶ।
- ଆସାମରେ ବନ୍ୟା ଯୋଗୁଁ ପାଞ୍ଚଟି ଜିଲ୍ଲାର ୧୩୬୨୦୩ ଲୋକ ପ୍ରଭାବିତ, ଆଉ ତିନୋଟି ମୃତଦେହ ଉଦ୍ଧାର।
- ମଣିପୁରରେ ଚାରି ଜଣ ଉଗ୍ରବାଦୀ ଗିରଫ, ଅସ୍ତ୍ରଶସ୍ତ୍ର ଏବଂ ୧ କେଜି ଅଫିମ ଜବତ।

## କେରଳରେ ବର୍ଷା ବିଘ୍ନାତ : ୧୫ ମୃତ

**ତିରୁବନନ୍ତପୁର, ୩।୮**

କେରଳରେ ବର୍ଷାଜନିତ ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ ଭିଡି ସତୀସନ୍ ସୋମବାର କହିଛନ୍ତି। ସାତ ଜଣ ଏବେବି ନିଖୋଜ ଅଛନ୍ତି। କୋଟ୍ଟାୟମ ଜିଲ୍ଲାରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି, ଯେଉଁଥିରେ ପୁଞ୍ଜାର ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇଜଣ ଓ ପାଣି ଟାଙ୍କିରେ ପଡ଼ି ବୁଡ଼ି ଯାଇଥିବା ଜଣେ ଶିଶୁ ସାମିଲ ଅଛନ୍ତି।

ଏର୍ଣ୍ଣାକୁଲମରେ ଦୁଇଜଣଙ୍କ ମୃତ୍ୟୁ



ହୋଇଥିବା ବେଳେ ଇଡୁକ୍କି ଓ ମୁଭାଟ୍ଟୁପୁଝାରେ ଜଣେ ଲେଖାଏଁଙ୍କର ମୃତ୍ୟୁ ହୋଇଛି। କୋଲ୍ଲମରେ ଦୁଇଜଣ, ମାଲାପ୍ପୁରମରେ ଚାରି ଜଣ, କନ୍ନୁରରେ ଜଣେ ଓ କୋଝିକୋଡରେ ଜଣେ ପ୍ରାଣ ହରାଇଛନ୍ତି। ସାତ ଜଣ ଏବେବି ନିଖୋଜ ଅଛନ୍ତି। କୋଲ୍ଲମରେ ଦୁଇଜଣ, କନ୍ନୁରରେ ଦୁଇଜଣ, (ପୃଷ୍ଠା ୭ରେ)

### କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ

## ୟୁନେସ୍କୋ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ ହେଉ ରଥଯାତ୍ରା

**ଭୁବନେଶ୍ୱର, ୩।୮**
**ନ୍ୟୁଜ୍ ବ୍ୟୁରୋ**

ବିଶ୍ୱପ୍ରସିଦ୍ଧ ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ୟୁନେସ୍କୋର ତାଲିକାରେ ସାମିଲ କରିବା ପାଇଁ ରାଜ୍ୟ ସରକାର ପକ୍ଷରୁ ବଡ଼ ପଦକ୍ଷେପ ନିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଚିଠି ଲେଖି ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ପୁରୀ ରଥଯାତ୍ରା କେବଳ ଓଡ଼ିଶାର ନୁହେଁ, ବରଂ ଭାରତର ଏକ ଅନନ୍ୟ ସାଂସ୍କୃତିକ ପରମ୍ପରା। ଶହ ଶହ ବର୍ଷ ଧରି ଏହି ମହାପର୍ବ ବିଶ୍ୱ ଭ୍ରାତୃତ୍ୱ, ସାମାଜିକ ସମାନତା ଓ ମାନବୀୟ ମୂଲ୍ୟବୋଧର ବାର୍ତ୍ତା ଦେଇ ଆସୁଛି। ଏହାକୁ ୟୁନେସ୍କୋର ମାନ୍ୟତା ମିଳିଲେ ବିଶ୍ୱସ୍ତରରେ ଏହାର ପରିଚିତି ଓ ଗୁରୁତ୍ୱ ଆହୁରି ବଢ଼ିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଏହି ପ୍ରସ୍ତାବକୁ ନେଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଆବଶ୍ୟକ ଦସ୍ତାବିଜ ଓ ସୂଚନା ପୂର୍ବରୁ ଦାଖଲ କରାଯାଇଛି। ବର୍ତ୍ତମାନ କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ୟୁନେସ୍କୋ ନିକଟରେ ଉପସ୍ଥାପନ କରିବା ଦିଗରେ ଆବଶ୍ୟକ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସେ ଅନୁରୋଧ କରିଛନ୍ତି।

ଭାରତର ଅନେକ ପାରମ୍ପରିକ ପର୍ବ, କଳା ଓ ଆଧ୍ୟାତ୍ମିକ ପରମ୍ପରା ୟୁନେସ୍କୋର ଇନଟାଞ୍ଜିବଲ୍ (ପୃଷ୍ଠା ୭ରେ)

## ବିଶ୍ୱେଶ ନେଗି ଇରାନକୁ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ

**ନୂଆଦିଲ୍ଲୀ, ୩।୮**

ବିଶ୍ୱେଶ ନେଗିଙ୍କୁ ଇସଲାମିକ୍ ଗଣରାଜ୍ୟ ଇରାନରେ ଭାରତର ପରବର୍ତ୍ତୀ ରାଷ୍ଟ୍ରଦୂତ ଭାବରେ ନିଯୁକ୍ତ କରାଯାଇଛି। ୨୦୦୨ ବ୍ୟାଚ ଆଇଏଫ୍‌ଏସ୍ ଅଧିକାରୀ ବର୍ତ୍ତମାନ ବୈଦେଶିକ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ଦ୍ୱାରା ଜାରି ବିବୃତି ଅନୁଯାୟୀ, ନେଗି ଖୁବ୍ ଶୀଘ୍ର ତେହେରାନରେ ତାଙ୍କର ନୂତନ କୂଟନୈତିକ ଦାୟିତ୍ୱ ଗ୍ରହଣ କରିବେ ବୋଲି ଆଶା କରାଯାଉଛି। ଭାରତ-ଇରାନ ରଣନୈତିକ ଓ ବାଣିଜ୍ୟିକ ସମ୍ପର୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ନେଗି ରାଷ୍ଟ୍ରଦୂତ (ପୃଷ୍ଠା ୭ରେ)

### ଏକାଳ ପଖାଳ



ବିହାରରେ ଯାହା ହେଇଛି ଭାଇନା
ଟେନ୍‌ସନ୍‌ଟାରେ ଫୁଲ
ବରଷା ଦିନରେ ଭାଗ୍ୟ ଆକାଶରୁ
ପଡ଼ିଲାକି ନିଆଁ ଝୁଲ !
ଚାରିଆଡେ ହୁଲସ୍ଥୁଲ
ବେଳ ଥାଉ ଥାଉ ସଜାଗ ସେ ଏବେ
ନହେଇଣ ଆଉ ଗେଲ।

## ଭାରତର ଏନଭିଏସ-୦୩ ଏବଂ ଜିସାଟ୍-୧-ଏ ଉପଗ୍ରହ ଉତ୍କ୍ଷେପଣ ପାଇଁ ପ୍ରସ୍ତୁତ




**ନୂଆଦିଲ୍ଲୀ, ୩।୮**

ଭାରତ ମହାକାଶରେ ନିଜର ଶକ୍ତି ବୃଦ୍ଧି କରିବା ପାଇଁ ନିରନ୍ତର କାର୍ଯ୍ୟ କରୁଛି। ଏହି ଦୃଷ୍ଟିରୁ ଦୁଇଟି ରଣନୈତିକ ଗୁରୁତ୍ୱପୂର୍ଣ୍ଣ ଉପଗ୍ରହ ଏନଭିଏସ-୦୩ ଏବଂ ଜିସାଟ୍-୧-ଏ ଉତ୍କ୍ଷେପଣ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ଏହି ଉପଗ୍ରହଗୁଡ଼ିକ ଶ୍ରୀହରିକୋଟା ମହାକାଶ ବନ୍ଦରରେ ଉତ୍କ୍ଷେପଣ ପାଇଁ ସରକାରଙ୍କ ଅନୁମୋଦନ ପାଇଁ କିଛି ସପ୍ତାହ ଧରି ଅପେକ୍ଷା କରିଛନ୍ତି। ମହାକାଶରେ ଭାରତର ତୃତୀୟ ନୟନ ଭଳି କାମ କରିବାକୁ ଯାଉଥିବା ଏହି ଦୁଇଟି ଉପଗ୍ରହର ବିଶେଷତ୍ୱ ହେଉଛି ଯେ ଏଗୁଡ଼ିକୁ କେବଳ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ। ଏହି ଉପଗ୍ରହ ସହିତ ଏକ ଜିଏସଏଲଭି-ଏମକେ-୨ ରକେଟ୍ ମଧ୍ୟ ଉତ୍କ୍ଷେପଣ ପାଇଁ ପ୍ରସ୍ତୁତ ହୋଇ ସରକାରଙ୍କ ସବୁଜ ସଙ୍କେତକୁ ଅପେକ୍ଷା କରି ରହିଛନ୍ତି। ଅନୁମୋଦନ ଅଭାବରୁ ପ୍ରପେଲାଣ୍ଟ ପୂରଣ କାର୍ଯ୍ୟ ମଝିରେ ବନ୍ଦ ହୋଇଯାଇଥିଲା।

ଏନଭିଏସ-୦୩ ଉପଗ୍ରହ ଭାରତର ଦ୍ୱିତୀୟ ପିଢ଼ିର ନାଭିଗେସନ୍ କ୍ଷେତ୍ରର ପରବର୍ତ୍ତୀ ଉପଗ୍ରହ। ସେହିପରି ଜିସାଟ୍-୧-ଏ ଏକ ଉନ୍ନତ ଜିଓ-ଇମେଜିଂ ଉପଗ୍ରହ ଯାହା ଭାରତୀୟ ଭୂପୃଷ୍ଠର ରିୟଲ ଟାଇମ୍ ନିରୀକ୍ଷଣ କରିବାକୁ ସକ୍ଷମ। ଉଭୟ ଉପଗ୍ରହ ସେମାନଙ୍କର ଅଧିକାଂଶ ପୂର୍ବ-ଉତ୍କ୍ଷେପଣ ପ୍ରସ୍ତୁତି ମଧ୍ୟ ସମାପ୍ତ କରିସାରିଛନ୍ତି।

## ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚୀନକୁ ପ୍ରାଧାନ୍ୟ ବିସ୍ତାର କରିବାକୁ ଦେବ ନାହିଁ ଆମେରିକା

**କୁଆଲାମ୍ପୁର, ୩।୮**

ଆମେରିକାର ଇଣ୍ଡୋ-ପାସିଫିକ୍ କମାଣ୍ଡର ମୁଖ୍ୟ ଆଡମିରାଲ୍ ସାମୁଏଲ୍ ପାପାରୋ କହିଛନ୍ତି, ଚୀନ୍ ଏବଂ ଅନ୍ୟାନ୍ୟ ପକ୍ଷଙ୍କ ଦ୍ୱାରା କରାଯାଉଥିବା ଜୋରଜବରଦସ୍ତ କାର୍ଯ୍ୟ ଆଞ୍ଚଳିକ ସ୍ଥିରତାକୁ ଚ୍ୟାଲେଞ୍ଜ କରୁଛି । ସେ ଚେତାବନୀ ଦେଇଛନ୍ତି ଯେ, ଆମେରିକା କୌଣସି ରାଷ୍ଟ୍ରକୁ ଇଣ୍ଡୋ-ପାସିଫିକ୍ ଅଞ୍ଚଳରେ ନିଜର ପ୍ରାଧାନ୍ୟ ବିସ୍ତାର କରିବାକୁ ଅନୁମତି ଦେବ ନାହିଁ।

କିଛି ପକ୍ଷ ବେଆଇନ ଦାବିକୁ ଯଥାର୍ଥ କରିବା ପାଇଁ ମିଥ୍ୟାର ଆଶ୍ରୟ ନେଉଛନ୍ତି ।ମାଲେସିଆରେ ଆମେରିକା



ପ୍ରଶାନ୍ତ ମହାସାଗର କମାଣ୍ଡ ଦ୍ୱାରା ଆୟୋଜିତ ଏକ ଆଞ୍ଚଳିକ ସୁରକ୍ଷା ସମ୍ମିଳନୀରେ ଭିଡିଓ ଲିଙ୍କ୍ ମାଧ୍ୟମରେ ଭାଷଣ ଦେଇ ପାପାରୋ କହିଛନ୍ତି ଯେ ଆମେରିକା ମୁକାବିଲା ନୁହେଁ ବରଂ ଶକ୍ତି ମାଧ୍ୟମରେ (ପୃଷ୍ଠା ୭ରେ)





# ଏସ୍‌ଆଇଆର୍ କାର୍ଯ୍ୟ ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ

**ଆଠଗଡ଼, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଏକ ସୁସ୍ଥ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ସାରା ନିର୍ବଚାନ ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଜାରି ରହିଛି । ଏହି ସଂଶୋଧନ କାର୍ଯ୍ୟର ସଠିକତାର ପର୍ଯ୍ୟବେକ୍ଷଣ ପାଇଁ ଆଠଗଡକୁ କେନ୍ଦ୍ରାଞ୍ଚଳ ଆୟୁକ୍ତ ସୁଧାଂଶୁ ମୋହନ ସାମଲ ଗସ୍ତ କରି ବ୍ଲକ ସଭାଗୃହ ମଧ୍ୟରେ ଚାଲିଥିବା ଅସଂଗତ ଶୁଣାଣିର ଯାଞ୍ଚ କରି ଫେରିଯାଇଛନ୍ତି । ଏଠାରେ ପ୍ରକାଶ ଯୋଗ୍ୟ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଅଯୋଗ୍ୟ ଭୋଟରଙ୍କୁ ବାଦ୍ ଦେବା ସହିତ ତାଲିକାରେ ସେମାନଙ୍କର ଥିବା ବିଭିନ୍ନ ଅସଂଗତିକୁ ମଧ୍ୟ ଦୂର କରିପାରିବାର କି ଏକାଠି କରିବା । ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ୮୯- ଆଠଗଡ ନିର୍ବାଚନ ମଣ୍ଡଳିର ନିର୍ବାଚନ ପଞ୍ଜିରକଣ ଅଧିକାରୀ ପ୍ରହଲାଦ ନାରାୟଣ ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ, ତିଗିରିଆ ଏବଂ ଟାଙ୍ଗି ଚୌଦ୍ୱାର ବ୍ଲକ ଓ ତହସିଲ ମାନଙ୍କରେ ଶୁଣାଣି କାର୍ଯ୍ୟ ଜାରି ରହିଛି । ମୁଖ୍ୟତଃ ଯେଉଁ ଭୋଟର ୨୦୦୨ ଭୋଟର ତାଲିକାରେ ସେମାନଙ୍କର ଥିବା ପୂର୍ବ ପୁରୁଷ ମାନଙ୍କ ସହିତ ସଂଯୋଗ ହୋଇପାରିନାହାନ୍ତି ସେହି ଭୋଟର ମାନଙ୍କର ତଥ୍ୟକୁ ଅସଂଗତି ଦର୍ଶାଯାଇଛି । ସେହି ଭୋଟରମାନଙ୍କୁ ସହପଞ୍ଜିକରଣ ଅଧିକାରୀମାନଙ୍କ ଦ୍ୱାରା ସେମାନଙ୍କ ଦସ୍ତାବିଜ ମାନଙ୍କୁ ଯାଞ୍ଚ କରାଯାଇ ଶୁଣାଣି କରାଯାଉଛି । ମିଳିଥିବା ତଥ୍ୟ ଆନୁଯାୟୀ ନିର୍ବାଚନ ମଣ୍ଡଳୀର ୨୫ ହଜାର ୭୩ ଜଣଙ୍କୁ ଶୁଣାଣି ପାଇଁ ନୋଟିସ୍ ଜାରି କରାଯାଇ ଶୁଣାଣି କାର୍ଯ୍ୟ ଜାରି ରହିଛି ଯାହାକି ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ସୂଚନା ମିଳେ । ଏହି ଶୁଣାଣି କାର୍ଯ୍ୟକୁ ସହ ପଞ୍ଜିକରଣ ଅଧିକାରୀ ଡେପୁଟି କଲେକ୍ଟର ପ୍ରଭୁଦତ୍ତ ପ୍ରଧାନ, ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ଆଠଗଡ ବିଡିଓ ଆକାଶ ପଣ୍ଡା, ତହସିଲଦାର କୁଞ୍ଜ ବିହାରି ବଡଜେନା, ତିଗିରିଆ ବିଡିଓ ସଂଗ୍ରାମ କେଶରୀ ଭୋଳ, ଧର୍ମ ରଞ୍ଜନ ପଣ୍ଡା, ସୌମେନ୍ଦ୍ର ଭଞ୍ଜ, ଟାଙ୍ଗି ଚୌଦ୍ୱାର ବିଡିଓ ଏନ୍‌ଏନ୍ ରାଜଲକ୍ଷ୍ମୀ ପ୍ରମୁଖ ଜାରି ରଖିଛନ୍ତ । ଶୁଣାଣି ଶିବିରକୁ ବୁଥ୍ ସୁପରଭାଜର ଚନ୍ଦ୍ରକାନ୍ତ ମଣି ମିଶ୍ର, ଲୋକନାଥ ସାହୁ, ଜୟନ୍ତ ଶତପଥି, ଆଶିଷ ରାଉତରାଏ ପ୍ରମୁଖ ସହଯୋଗ ଦେଉଛନ୍ତି । ଏହାସହିତ ଏହି ସଂଶୋଧନ କାର୍ଯ୍ୟକ୍ରମରେ ୩୧୮ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଓ ୩୨ ଜଣ ବୁଥ୍ ସୁପରଭାଇଜର ନିୟୋଜିତ ଅଛନ୍ତି ।

# ଶ୍ରୀମନ୍ଦିର ଯିବ ବଲାଙ୍ଗିର ଚାଉଳ : ଅମୃତ ଅନ୍ନ ଯୋଜନାରେ ଚାଷ ହେବ ଶହେ ହେକ୍ଟର ଜମି

**ବଲାଙ୍ଗିର, ନ୍ୟୁଜ ବ୍ୟୁରୋ**



ପ୍ରଥମ ଥର ପାଇଁ ପୁରୀ ଶ୍ରୀ ମନ୍ଦିରକୁ ଯିବ ବଲାଙ୍ଗିର ଚାଉଳ । କୋଠଭୋଗରେ ଲାଗିହେବ "ଝିଲି" ଏବଂ "ଗୋବିନ୍ଦଭୋଗ" କିସମର ଚାଉଳ । ସେଥିପାଇଁ ଚଳିତ ବର୍ଷ 'ଅମୃତ ଅନ୍ନ' ଯୋଜନାରେ ବଲାଙ୍ଗିର ଜିଲ୍ଲାରେ ସ୍ୱତନ୍ତ୍ର ଧାନ ଏବଂ ମୁଗଡ଼ାଲି ଚାଷ ଆରମ୍ଭ ହୋଇଛି । ଧାନ ଅମଳ ପରେପରେ ପ୍ରାୟ ୨୦ହେକ୍ଟରରେ ହେବ ଝାଇଁ ମୁଗ । ଜିଲ୍ଲାର ୩ଟି ବ୍ଲକରେ ଚାଷୀ ଚଳି ପକାଇ ଧାନ ରୋଇବା ଆରମ୍ଭ କରିଛନ୍ତି । ବିନା ସାର, କୀଟନାଶକରେ ସମ୍ପୂର୍ଣ୍ଣ ଜୈବିକ ପଦ୍ଧତିରେ ଏହି ଚାଷ କରାଯାଉଛି । ଯାହାପାଇଁ ଚାଷୀ ନିଜକୁ ସୌଭାଗ୍ୟବାନ ମନେ କରୁଥିବା ବେଳେ ଜିଲ୍ଲା କୃଷି ବିଭାଗ ମଧ୍ୟ ଏହାକୁ ଏକ ମିଶନ ଭାବେ ନେଇଛି । ସୂଚନାଯୋଗ୍ୟ ଯେ, ବଡ଼ଠାକୁରଙ୍କ ନିମନ୍ତେ ଶୁଦ୍ଧ ଧାନ ଚାଷ ପାଇଁ ଜିଲ୍ଲା କୃଷି ବିଭାଗ ପକ୍ଷରୁ ପ୍ରଥମେ ମୁରିବାହାଲ, ଆଗଲପୁର, ପାଟଣାଗଡ଼, ପୁଇଁତଳା ବ୍ଲକରେ କୈବିକ ଚାଷ କରୁଥିବା ଚାଷୀଙ୍କୁ ଚିହ୍ନଟ କରାଯାଇଥିଲା । ବିଭାଗୀୟ ଅଧିକାରୀ ସେମାନଙ୍କୁ ଏହି ଯୋଜନା ସମ୍ପର୍କରେ ବୁଝାଇବା ସହ ଚାଷ କେମିତି କରିବେ, ରୋଗପୋକ ନିୟନ୍ତ୍ରଣ କେମିତି ହେବ ଏବଂ ତାହାର ବିପଣନ ଆଦି ସମ୍ପର୍କରେ ବୁଝାଇଥିଲେ । ଚିହ୍ନଟ ହୋଇଥିବା ଜମିର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଜମି ମାଲିକମାନଙ୍କୁ ଗତ ଜୁଲାଇ ମାସରେ ପ୍ରଥମେ ଧଣିଚା(ଧନିଆଁ) ଦିଆଯାଇଥିଲା । ହେକ୍ଟର ପ୍ରତି ୩କେଜି ହାଇରେ ତାଙ୍କୁ ବୁଣାଯାଇଥିଲା । ଧଣିବା ବିଲରେ ପଟି ଖତ ହେବାପରେ ହେକ୍ଟର ପିଛା ୫ଟ୍ରିପ ଗୋବର ଖତ ପକାଇ ସେଠାରେ ଧାନ ତଳି ପକାଯାଇଛି । ଚାଷୀମାନେ ବିଶେଷକରି ଅତି ସୁଗନ୍ଧିତ, ସ୍ୱଦିଷ୍ଟ ଏବଂ କ୍ଷୁଦ୍ର ଜାନାଯୁକ୍ତ "ଗୋବିନ୍ଦଭୋଗ" ଏବଂ ଦେଶୀ ଚାଉଳ "ଝିଲି" କିସମର ଧାନ ଫଳାଇଛନ୍ତି । ରୋଇବାର ୧୩୦ଦିନ ପରେ ଅର୍ଥାତ୍ ଡ଼ିସେମ୍ବର ବେଳକୁ ଅମଳ କରାଯିବ । ଅମଳ ଧାନ ଖୋଲାବଜାର କିମ୍ବା ମଣ୍ଡିରେ ବିକ୍ରି କରଯିବ ନାହିଁ । ଏହାକୁ କିଣିବା ପାଇଁ କୃଷି ବିଭାଗ ପକ୍ଷରୁ ଗୋଟିଏ ଲେଖାଁ ସିବିଓ(କ୍ଲଷ୍ଟର ବେସ ଅର୍ଗାନାଇଜେସନ)କୁ ଦାୟିତ୍ୱ ଦିଆଯାଇଛି । ସେମାନେ ଏହାକୁ ବିପଣନ କରି ଚାଷୀକୁ ସେହି ବାବଦକୁ ପ୍ରାପ୍ୟ ପ୍ରଦାନ କରିବେ । ତେବେ ଚାଷ ସମୟରେ ଚାଷ ଯଦି କୌଣସି ରୋଗପୋକ ଲାଗନ୍ତି, ତେବେ ସେହିସମୟରେ ଫସଲରେ କୌଣସି ପ୍ରକାର କୀଟନାଶକ ଦିଆଯିବ ନାହିଁ । ସେହିସମୟରେ କରା-ନିମ୍ବ ତେଲ, ବିଜାମୃତ ଆଦି ଦେବାକୁ କୁହାଯାଇଛି । ଏସମ୍ପର୍କରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧିରେନ୍ଦ୍ରିଂ ବରିହାଙ୍କ କହିବାନୁସାରେ ଜିଲ୍ଲାରେ ପ୍ରଥମ ଥର ପାଇଁ ଏହି ଯୋଜନାରେ ଚାଷ ଆରମ୍ଭ ହୋଇଛି । ଯେଉଁଚାଷୀ ଭକ୍ତିଭାବ ସହ ଜୈବିକ ଚାଷ କରୁଛନ୍ତି, ତାଙ୍କୁ ସାମିଲ କରାଯାଇଛି । ଏହି ଯୋଜନା ଆଗାମୀ ୫ବର୍ଷ ପାଇଁ ଚାଲିବ । ଧାନ ଅମଳ ପରେ ସିଧା ପୁରୀ ଶ୍ରୀ ମନ୍ଦିର ପାଇଁ ଯିବ ନାହିଁ । ଅମଳ ପରେ ଓ ସପୋଲା (ଓଡ଼ିଶା ଷ୍ଟେଟ ସିଡ ଆଣ୍ଡ ଅର୍ଗାନିକ ପ୍ରଡକ୍ଟ ସାର୍ଟିଫିକେସନ ଏଜେନ୍ସି ଜରିଆରେ ନମୂନା ସଂଗ୍ରହ କରି ଲ୍ୟାବକୁ ପଠାଯିବ । ସେଠୁ ରିପୋର୍ଟ ସଠିକ ଆସିଲା ପରେ ତାହା ପୁରୀ ମନ୍ଦିରକୁ ଯିବ ବୋଲି କହିଛନ୍ତି ।

# ବିଦ୍ୟାଳୟରେ ଶୃଙ୍ଖଳା ରକ୍ଷା ଓ ନିୟମ ଅନୁପାଳନ ପାଇଁ ପରାମର୍ଶ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ତିର୍ତ୍ତୋଲ ସ୍ଥିତ ଆଦିକବି ସାରଳାଦାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ବିଜ୍ଞାନ ବିଭାଗର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଶ୍ରେଣୀ ପ୍ରବେଶ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ଅଧ୍ୟକ୍ଷ ଅନନ୍ତ ଚାରଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବାଗଦେବୀ ମା'ଶାରଳାଙ୍କ ଫୋଟୋ ଚିତ୍ରରେ ପ୍ରଦ୍ୱୀପ ପ୍ରଜ୍ୱଳନ ସହିତ ପୁଷ୍ପମାଲ୍ୟ ଅର୍ପଣ କରି ଅଧ୍ୟକ୍ଷ ଆଚାର୍ଯ୍ୟଙ୍କ କାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଇଥିଲା । ଅଧ୍ୟକ୍ଷ ଆଚାର୍ଯ୍ୟ ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ରୀତିମତ ଉପସ୍ଥାନ ଓ ବିଦ୍ୟାଳୟର ସମସ୍ତ ନିତୀ ନିୟମ ଅନୁପାଳନ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳା ବଦ୍ଧ ନିୟମିତ ନିଷ୍ଠାଶୀଳ ଆରମ୍ଭ ପାଇଁ ପ୍ରେରିତ କରିଥିଲେ । ଏହି ଉତ୍ସବରେ ବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧାପିକା ଡ଼. ଦିପ୍ତୀରେଣୁ ମହାନ୍ତି, ବିତ୍ତ ବିଭାଗ ଅଧିକାରୀ ଅଧାପକ ଚନ୍ଦ୍ରକାନ୍ତ ବାରିକ, ସହ ଶୈକ୍ଷିକ ଅଧିକାରୀ ଅଧାପକ ମନୋଜ କୁମାର ସ୍ୱାଇଁ ପ୍ରମୁଖ ନବାଗତ ଚତୃରଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ଗଠନମୂଳକ ବାର୍ତ୍ତା ରଖିଥିଲେ । ଏହି ଉତ୍ସବରେ ଓଡ଼ିଆ ବିଭାଗର ମୁଖ୍ୟ ଡ଼. ସୁରଞ୍ଜନ ଲେଙ୍କା, ପଦାର୍ଥ ବିଜ୍ଞାନର ବିଭାଗୀୟ ମୁଖ୍ୟ ଦୀପକ କୁମାର ସିଂହ ଏବଂ ପ୍ରୟୋଗଶାଳା ଅଧିକାରୀ ସନାତନ ଲେଙ୍କା ଚତୃରଛାତ୍ରୀମାନଙ୍କୁ ଭବିଷ୍ୟତରେ ଭଲ ମଣିଷ ହେବାପାଇଁ ପ୍ରେରଣା ଦେଇଥିଲେ ।

# ପ୍ରଶାସନିକ ଅବହେଳାରୁ ହୁମ୍ମା ଶୁଖୁଆ ହାଟ ଭବନ ଅଧୁରା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ଶୁଖୁଆ ବ୍ୟବସାୟରେ ନୂଆ ଯୁଗର ସ୍ୱପ୍ନ ଅଧୁରା ରହିଯାଇଛି । କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ହୁମ୍ମା ଶୁଖୁଆ ହାଟ ଭବନ ଆଜି ନୀରବ ସାକ୍ଷୀ ପାଲଟିଛି ସରକାରୀ ଅବହେଳାର । ଆଧୁନିକ ବଜାର ସୁବିଧା ପାଇବାର ଆଶାରେ ଥିବା ବ୍ୟବସାୟୀମାନେ ଏବେ ମଧ୍ୟ ରାସ୍ତାକଡ଼ରେ ତମ୍ବୁ ବାନ୍ଧି ବ୍ୟବସାୟ କରୁଛନ୍ତି । କୋଟି କୋଟି ଟଙ୍କାରେ ନିର୍ମିତ ଭବନଟି ଭୂତ କୋଠରୀ ଭଳି ପଡ଼ିରହିଛି । ହାଟ ପରିଚାଳନା ପାଇଁ ଆବଶ୍ୟକ ଲିଜ୍ ପ୍ରକ୍ରିୟା ଦୀର୍ଘ ଦିନ ଧରି ସମ୍ପୂର୍ଣ୍ଣ ହୋଇନଥିବାରୁ ସମଗ୍ର ପ୍ରକଳ୍ପ ଅଚଳ ହୋଇପଡ଼ିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସରକାରୀ ଅର୍ଥର ସଦୁପଯୋଗ ଓ ପ୍ରଶାସନିକ ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏସିଆର ଅନ୍ୟତମ ବୃହତମ ଶୁଖୁଆ ହାଟ ଭାବେ ପରିଚିତ ହୁମ୍ମାର ବ୍ୟବସାୟକୁ ଆଧୁନିକ ରୂପ ଦେବା ଏବଂ ମତ୍ସ୍ୟଜୀବୀଙ୍କ ଜୀବିକାରେ ଉନ୍ନ ଆଣିବା ପାଇଁ ପୂର୍ବ ସରକାର ଅମଳରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା । ଭବନରେ ବ୍ୟବସାୟଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା, ସଂରକ୍ଷଣ ଓ ବଜାର ପରିଚାଳନାର ସମସ୍ତ ସୁବିଧା ରଖାଯିବାର ଯୋଜନା ଥିଲା । କିନ୍ତୁ ନିର୍ମାଣ ସରିବା ପରେ ତାହାକୁ କାର୍ଯ୍ୟକ୍ଷମ କରିବା ଦିଗରେ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହେଉଛି । ଭବନ ପ୍ରସ୍ତୁତ ହୋଇ ବହୁଦିନ ବିତିଯାଇଥିଲେ ମଧ୍ୟ ଲିଜ୍ ପ୍ରକ୍ରିୟା ଶେଷ ନ ହେବାରୁ ସମଗ୍ର ପ୍ରକଳ୍ପଟି ବନ୍ଦ ଅବସ୍ଥାରେ ପଡ଼ି ରହିଛି । ନିୟମିତ ରକ୍ଷଣାବେକ୍ଷଣର ଅଭାବରୁ ଭବନର ବିଭିନ୍ନ ସ୍ଥାନରେ ଅବ୍ୟବସ୍ଥା ଦେଖାଦେଇଛି । ସ୍ଥାନୀୟ ଲୋକଙ୍କ ମତରେ ଲୋକଙ୍କ କର ଟଙ୍କାରେ ନିର୍ମିତ ଏଭଳି ପ୍ରକଳ୍ପ ବର୍ଷ ବର୍ଷ ଧରି ଅବ୍ୟବହୃତ ରହିବା ଦୁର୍ଭାଗ୍ୟଜନକ । ଅନ୍ୟପକ୍ଷରେ, ଆଜି ମଧ୍ୟ ଶୁଖୁଆ ବ୍ୟବସାୟ ପୂର୍ବଭଳି ରାସ୍ତାକଡ଼ରେ ଚାଲିଛି । ବ୍ୟବସାୟୀମାନେ ଅସ୍ଥାୟୀ ତମ୍ବୁ ବାନ୍ଧି ବ୍ୟବସାୟ କରୁଥିବା ବେଳେ ଖରା, ବର୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବ୍ୟାପକ କ୍ଷତି ସହୁଛନ୍ତି । ଏଥି ସହ ରାସ୍ତାକଡ଼ରେ ବ୍ୟବସାୟ ଚାଲିଥିବାରୁ ଯାତାୟତ ବ୍ୟବସ୍ଥା ଓ ସଡ଼କ ସୁରକ୍ଷା ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଉଛି । ଆଧୁନିକ ହାଟ ଭବନ ଥିଲେ ମଧ୍ୟ ବ୍ୟବସାୟୀମାନେ ଏଭଳି ଅସୁରକ୍ଷିତ ପରିବେଶରେ ବ୍ୟବସାୟ କରିବାକୁ ବାଧ୍ୟ ହେଉଛନ୍ତି । ହୁମ୍ମା ଶୁଖୁଆ ହାଟ ଉପରେ ପ୍ରତିଦିନ ଶହ ଶହ ବ୍ୟବସାୟୀ ଏବଂ ହଜାର ହଜାର ଗ୍ରାହକ ନିର୍ଭର କରନ୍ତି । ଓଡ଼ିଶା ସହ ଅନ୍ୟାନ୍ୟ ରାଜ୍ୟରୁ ମଧ୍ୟ ବ୍ୟବସାୟୀମାନେ ଏଠାକୁ ଆସି ଶୁଖୁଆ କିଣାବିକା କରନ୍ତି । ଏହି ବଜାର ଅଞ୍ଚଳର ଅର୍ଥନୀତି ଏକ ପ୍ରମୁଖ ଆଧାର ହୋଇଥିବା ବେଳେ ଏହାର ଉନ୍ନତିକରଣ ପାଇଁ ନିର୍ମିତ ପ୍ରକଳ୍ପ ଅଚଳ ହୋଇ ପଡ଼ିବା ସମସ୍ତଙ୍କୁ ନିରାଶ କରିଛି । ସବୁଠାରୁ ବଡ଼ କଥା ହେଉଛି, ହାଟ କେବେ କାର୍ଯ୍ୟକ୍ଷମ ହେବ କିମ୍ବା ଲିଜ୍ ପ୍ରକ୍ରିୟା କେଉଁ ପର୍ଯ୍ୟାୟରେ ରହିଛି ସେନେଇ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳୁନାହିଁ । ଏହି ନୀରବତା ବ୍ୟବସାୟୀଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇଛି । ସ୍ଥାନୀୟ ବ୍ୟବସାୟୀ ଓ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ଯେ, ତୁରନ୍ତ ଲିଜ୍ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି ହୁମ୍ମା ଶୁଖୁଆ ହାଟକୁ କାର୍ଯ୍ୟକ୍ଷମ କରାଯାଉ । ଏହାଦ୍ୱାରା କେବଳ ଶୁଖୁଆ ବ୍ୟବସାୟର ବିକାଶ ହେବ ନୁହେଁ, ଶହ ଶହ ପରିବାରର ଜୀବିକା ସୁରକ୍ଷିତ ହେବା ସହ ସରକାରୀ ଅର୍ଥର ପ୍ରକୃତ ସଦୁପଯୋଗ ମଧ୍ୟ ସୁନିଶ୍ଚିତ ହୋଇପାରିବ । ସୂଚନାଯୋଗ୍ୟ ଯେ, ହୁମ୍ମା ଶୁଖୁଆ ହାଟର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଜାତୀୟ ରାଜପଥରେ ଯାଉଥିବା ପଥଚାରୀ ଏହି ରାସ୍ତା ଦେଇ ଗଲେ ସେମାନଙ୍କୁ ଏହି ହାଟ ନୂଆ ଅନୁଭୂତି ଆଣିଥାଏ । ବିଭିନ୍ନ ପ୍ରଜାତିର ଶୁଖୁଆ ଅତି ସୁଲଭ ଦରରେ ଏଠାରେ ଉପଲବ୍ଧ ରହିଥାଏ । କିନ୍ତୁ ଆଧୁନିକ ବ୍ୟବସାୟରେ ପରିଣତ କରାଗଲେ ଏହାର ଗାରିମା ଆହୁରି ବୃଦ୍ଧି ପାଇବା ସହ ଏହି ଶୁଖୁଆ ହାଟ ନୂଆ ପରିଚୟ ପାଇବ ବୋଲି ଆଶା କରାଯାଉଛି ।

# ମୁସଲିମ୍ ମହିଳା ସଂଗଠନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ୟୁନିଟ-୪ ସ୍ଥିତ ମସଜିଦ ହମଦ ପ୍ରାଙ୍ଗଣରେ ରାଷ୍ଟ୍ରୀୟ ଭଉଣୀ ଦିବସ ଓ ବିଶ୍ୱ ସଙ୍ଗାତ ଦିବସ ଉପଲକ୍ଷେ ଅହମଦୀୟା ମୁସଲିମ ମହିଳା ସଙ୍ଗଠନ ଲଜନା ଇମାଉଲ୍ଲାଃ ବିଭାଗ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଏହି ଶିବିରରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଡକ୍ଟର ଜିନତ୍ ବେଗମ ସଙ୍ଗଠନ ଓ ବାହାରୁ ଆସିଥିବା ସ୍ତ୍ରୀ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ଏବଂ ବର୍ତ୍ତମାନ ସମୟରେ ଉପୁଜୁ ଥିବା ବିଭିନ୍ନ ରୋଗରୁ ଗୋଟିଏ ସ୍ତ୍ରୀ କିପରି ନିଜକୁ ସୁରକ୍ଷିତ ରଖିପାରିବ ତାହା ପ୍ରତି ସଚେତନ କରାଇଥିଲେ । ଭୁବନେଶ୍ୱର ଅହମ୍ମଦୀୟା ମୁସଲିମ ମହିଳା ସଭାନେତ୍ରୀ ଅମତୁଲ୍ ଆଲାଙ୍କ ତତ୍ତ୍ୱାବଧାନରେ ଏହି ଶିବିରଟି ଉଦ୍‌ଯାପିତ ହୋଇଥିଲା । ଏଥିରେ ୭୦ରୁ ଉର୍ଦ୍ଧ୍ୱ ସ୍ତ୍ରୀଲୋକମାନେ ଏହି ଶିବିରରୁ ଉପକୃତ ଲାଭ କରିଥିଲେ । କାର୍ଯ୍ୟକ୍ରମଟିକୁ ସିରାଜୁମ୍ ମୁନିର, ଖୁଶବୁ ବାନୁ, ଶହଯାଦି ପରୱିନ, ତାହିରା ସିଦିକା ପରିଚାଳନା କରିଥିବା ବେଳେ ସଂଗଠନର ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।




# ମାନବ ସେବା ସମିତି ପକ୍ଷରୁ ୩୦ ୟୁନିଟ୍ ରକ୍ତ ସଂଗ୍ରହ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ରକ୍ତଦାନ ହିଁ ଜୀବନ ଦାନ ! ଆପଣଙ୍କର ଗୋଟିଏ ବିନ୍ଦୁ ରକ୍ତ, ଅନ୍ୟ ଜଣଙ୍କ ପାଇଁ ସାଜିପାରେ ଜୀବନର ଆଶା । ମାନବ ସେବା ସମିତି ସ୍ୱେଚ୍ଛାସେବୀ ସଙ୍ଗଠନ, ଯାଜପୁର ରୋଡ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ରକ୍ତଦାନ କାର୍ଯ୍ୟକ୍ରମଟି ଯାଜପୁରରୋଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମଟି ମାନବ ସେବା ସମିତିର ସ୍ୱେଚ୍ଛାସେବୀ ରଞ୍ଜନ ରାଉତଙ୍କ ବାପାଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ କରାଯାଇଥିଲା । ଉକ୍ତ ଶିବିରକୁ ଯାଜପୁର ରୋଡର ବିଶିଷ୍ଟ ସମାଜସେବୀ ତଥା ଆଇନଜୀବୀ ବିବେକାନନ୍ଦ ମହାନ୍ତି ଦ୍ୱୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ଅନ୍ୟତମ ଅତିଥିଭାବେ ଜହ୍ନା ସରପଞ୍ଚ ଶ୍ରୀମତୀ ସଂଯୁକ୍ତା ସାହୁ, ଶିଶୁ ଡାକ୍ତର ସୁଧୀର ରଞ୍ଜନ ସେନାପତି ଏବଂ ସ୍ୱେଚ୍ଛାସେବୀ ରାଜେଶ ରାଉତ ଉପସ୍ଥିତ ଥିଲେ । ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମୀଙ୍କ ସହଯୋଗ ସମେତ ମାନବ ସେବା ସମିତି ତରଫରୁ ଶରତ ସାହୁ, ରଞ୍ଜନ ରାଉତ, ରତନ କୁମାର ସାହୁ, ବ୍ୟାସଦେବ ସାହୁ ପ୍ରଶାନ୍ତ ସାହୁ, ପାର୍ଥ ସାରଥି ସାହୁ, ଏମଡି ଜାଭେଦ ଖାନ, ରାଜେଶ ଗର୍ତିଆ, କାମଦେବ ଦାଶ, ସୋହନ ମିଶ୍ର, ରମେଶ ସାହାଣୀ, ରଘୁନାଥ ସାମନ୍ତରାୟ, ବିପିନ କୁମାର ସ୍ୱାଇନ୍, ଲିଙ୍ଗରାଜ ସାମଲ, ସତ୍ୟପ୍ରିୟା ମୁଦୁଲି ସହଯୋଗ କରିଥିଲେ ।




# ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟରେ ନିଶା ମୁକ୍ତ ଭାରତ ଅଭିଯାନ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ସୁନାଇଲୋଠାରେ ପ୍ରଜାପିତା ବ୍ରହ୍ମକୁମାରୀ ବିଶ୍ୱ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ଓ ୧୦କୋଟି ନିଶାମୁକ୍ତି ପ୍ରତିଜ୍ଞା ମହା ଅଭିଯାନ କାର୍ଯ୍ୟକ୍ରମ ବ୍ରହ୍ମକୁମାରୀ ସ୍ନେହ ଭଉଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀଙ୍କ ଆହ୍ୱାନକ୍ରମେ ଦେଶକୁ ନିଶାମୁକ୍ତ କରିବା ପାଇଁ ଦେଶସାରା ୧୦କୋଟି ନିଶାମୁକ୍ତି ପ୍ରତିଜ୍ଞା ମହା ଅଭିଯାନ କାର୍ଯ୍ୟକ୍ରମ ଚାଲୁ ରହିଛି । କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା ଅବକାରୀ ବିଭାଗର ଅଧିକ୍ଷକ ବିପ୍ରଚରଣ ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଭାରତ ସରକାର ଓ ବ୍ରହ୍ମକୁମାରୀ ଅନୁଷ୍ଠାନ ଦ୍ୱାରା ସମସ୍ତଙ୍କୁ ନିଶାମୁକ୍ତ ହେବାପାଇଁ ପ୍ରତିଜ୍ଞା କରାଇବା ଉଦ୍ଦେଶ୍ୟରେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ସହ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀ ମାନଙ୍କୁ ନିଶାମୁକ୍ତ ପ୍ରତିଜ୍ଞା କରାଇବା ପାଇଁ ଅଗଷ୍ଟ ୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ନିଶାମୁକ୍ତ କାର୍ଯ୍ୟକ୍ରମ ଚାଲୁ ରହିବ । କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ହଜାରରୁ ଉର୍ଦ୍ଧ୍ୱ ବ୍ରହ୍ମକୁମାର ଓ ବ୍ରହ୍ମକୁମାରୀମାନେ ନିଶାକୁ ବର୍ଜନ କରିବା ପାଇଁ ଶପଥ ନେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମକୁମାର ରବିନ୍ଦ୍ର, ବ୍ର.କୁ ସ୍ୱର୍ଣ୍ଣ, ବ୍ର.କୁ ରମା, ସୁଚିତ୍ରା, ସୁମିତ୍ରା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ସଭାକୁ ବ୍ର.କୁ ଜଗଦୀଶ ପରିଚାଳନା କରିଥିବାବେଳେ କୁନି କୁନି ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା ।

# ମେଧାବୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଧାମନଗର, ନ୍ୟୁଜ ବ୍ୟୁରୋ**

ମୁସ୍ତଫାପୁର ଗ୍ରାମର ମେଧାବୀ ଛାତ୍ର ସେକ୍ ଅରବାଜ୍ ହୁସେନ ଜାତୀୟ ସ୍ତରର 'ନେଷ୍ଟ' ପରୀକ୍ଷାରେ କୃତିତ୍ୱ ହାସଲ କରି ଭୁବନେଶ୍ୱରସ୍ଥିତ ପ୍ରସିଦ୍ଧ ବିଜ୍ଞାନ ଗବେଷଣା ସଂସ୍ଥାନ 'ନାଇଜର'ରେ ପଢ଼ିବା ପାଇଁ ମନୋନୀତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ସେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ଅଧ୍ୟୟନ କରିଥିବା ଏଏମବି ଇଂଲିଶ ମିଡିୟମ ସ୍କୁଲ ପରିସରରେ ତାଙ୍କୁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭାରେ ସମ୍ମାନିତ କରାଯାଇଛି । ସ୍କୁଲର ମୁଖ୍ୟ ସେକ୍ ଆଜାଦ ଅଲ୍ଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅରବାଜଙ୍କ ନିଷ୍ଠା, କଠିନ ପରିଶ୍ରମ ଓ ବୈଜ୍ଞାନିକ ହେବାର ସଂକଳ୍ପକୁ ଭୂୟସୀ ପ୍ରଶଂସା କରାଯାଇଥିଲା । କରୋନା ମହାମାରୀରେ ବାପାଙ୍କୁ ହରାଇବା ଏବଂ ବସ୍ତିର ସଂଘର୍ଷମୟ ପରିବେଶ ସତ୍ତ୍ୱେ ଅରବାଜଙ୍କ ଏହି ଆଶାତୀତ ସଫଳତା ସମଗ୍ର ଅଞ୍ଚଳ ପାଇଁ ଗୌରବ ଆଣିଦେଇଛି । ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଅରବାଜଙ୍କ ଏହି ଅସାଧାରଣ ସଫଳତା ଅନ୍ୟ ବିଦ୍ୟାର୍ଥୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବ ବୋଲି ବିଦ୍ୟାଳୟର ମୁଖ୍ୟ ଆଶାପ୍ରକାଶ କରିବା ସହ ତାଙ୍କର ସୁଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।



# ବିଜ୍ଞାନର କାର୍ଯ୍ୟକାରିତା ନେଇ ମାର୍ଗଦର୍ଶନ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଚଳିତ ଶିକ୍ଷାବର୍ଷ -୨୦୨୬ର ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ପୂର୍ବ ସମ୍ପାଦକ ତଥା ଅବସର ପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ବାଡତ୍ୟା ମୁଖ୍ୟଅତିଥି ରୂପେ ଯୋଗଦାନ କରି ବିଜ୍ଞାନର ଉପାଦେୟତା ସଂପର୍କରେ ମାର୍ଗ ଦର୍ଶନ କରାଇ ଥିଲେ । ଉଦ୍‌ଯାପନୀ ଉତ୍ସବରେ ରମ୍ଭା ନଗରପାଳ ମାନନୀୟା ଶ୍ରୀମତୀ ମାନସୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶିଶୁଙ୍କ ବିଜ୍ଞାନ ପ୍ରବଣତା ଦେଖି ଭୂୟସୀ ପ୍ରଶଂସା କରିଥିଲେ । ଅନୁଷ୍ଠାନର ସଭାପତି ଏମ୍. ନରସିଂହ ସୁବୁଦ୍ଧି ଓ ସମ୍ପାଦକ ପ୍ରସନ୍ନ କୁମାର ମିଶ୍ର ତଥା ପରିଚାଳନା ସମିତି ର ସଦସ୍ୟ- ସଦସ୍ୟାଓ ପ୍ରଧାନାଚାର୍ଯ୍ୟ ଆଦିତ୍ୟ ପ୍ରସାଦ ମହାପାତ୍ର ସମେତ ସମସ୍ତ ସେବାବ୍ରତୀ ତଥା ଏହି ଅଞ୍ଚଳର ବହୁ ବିଜ୍ଞାନ ଓ ଗଣିତ ଶିକ୍ଷକ- ଶିକ୍ଷିକା ଯଥା ଦେବେଶ କୁମାର ନାହାକ, ଦେବେନ୍ଦ୍ର ନାହାକ, ଶ୍ୟାମସୁନ୍ଦର ମହାପାତ୍ର, ପ୍ରମୋଦ କୁମାର ମହାରଣା, ଆଶୀର୍ବାଦ ପଲାଇ , ଅଜୟ କୁମାର ସାହୁ, ଅରୁଣ କୁମାର ବେହେରା, ଶ୍ରୀମତୀ ଅମିତା କୁମାରୀ ଡାକୁଆ, ଶ୍ରୀମତୀ ଚୁମ୍‌କୀ ବେହେରା , ଶ୍ରୀମତୀ ପୁଷ୍ପାଞ୍ଜଳି ଘଡ଼ାଇ ଓ ବବ୍ ଲୀ ବେହେରା ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମ ଟିକୁ ସାକାର କରିଥିଲେ । ଇତ୍ୟବସରରେ କୃତୀ ଶିଶୁମାନଙ୍କୁ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ବିଜ୍ଞାନ ଆଚାର୍ଯ୍ୟା ଶ୍ରୀମତୀ ସଂଗୀତା ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସେବାବ୍ରତୀମାନଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟକ୍ରମଟି ସରସ ସୁନ୍ଦର ଭାବରେ ରୂପାୟିତ ହୋଇପାରିଛି ।

# ଆଇଟିଇପି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ : ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଲେ ଉଚ୍ଚଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଇଂଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମର ପ୍ରଥମ ବର୍ଷ ପାଠପଢ଼ା ଶନିବାର ଠାରୁ ଆରମ୍ଭ ହୋଇଯାଇଛି । ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୭ଟି ବିଶ୍ୱ ବିଦ୍ୟାଳୟ ଓ ୮ଟି ସରକାରୀ ମହାବିଦ୍ୟାଳୟ ସର୍ବମୋଟ ୧୫ଟି ଉଚ୍ଚଶିକ୍ଷାନୁଷ୍ଠାନରେ ଇଂଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମର ପ୍ରଥମ ବର୍ଷ ପାଠପଢ଼ା ଆଜି ଆରମ୍ଭ ହୋଇଛି ।

ଶନିବାର ଅନୁଷ୍ଠିତ ହୋଇଥିବା ବୈଠକରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଭାସୀ ମାଧ୍ୟମରେ ଯୋଗଦେଇ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଉଚ୍ଚଶିକ୍ଷା ମନ୍ତ୍ରୀ କହିଥିଲେ ଯେ, ଓଡ଼ିଶାରେ ଉଚ୍ଚଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷା ନୀତି-୨୦୨୦ ପ୍ରଣୟନ ହେବା ପରେ ଇଂଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମକୁ ଆରମ୍ଭ କରାଯାଇଛି । ପୂର୍ବରୁ ସ୍ନାତକ ପରେ ୨ ବର୍ଷ ଅର୍ଥାତ୍ ବି. ଏଡ୍ ଡିଗ୍ରୀ ହାସଲ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ୫ ବର୍ଷ ସମୟ ଲାଗୁଥିଲା । କିନ୍ତୁ ବର୍ତ୍ତମାନ ଇଂଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମ ଲାଗୁ ହେବା ପରେ ଛାତ୍ରଛାତ୍ରୀମାନେ +୨ ପରେ ସିଧାସଳଖ ଏହି ପାଠ୍ୟକ୍ରମରେ ନାମ ଲେଖାଇ ନିଜର ଶିକ୍ଷକ ଶିକ୍ଷା ପାଠ୍ୟକ୍ରମକୁ ୪ ବର୍ଷ ମଧ୍ୟରେ ସମାପ୍ତ କରିପାରିବେ । ଏନସିଇଟି ପ୍ରବେଶିକା ପରୀକ୍ଷା (ନ୍ୟାସନାଲ କମନ ଏଂଟ୍ରାନ୍ସ ଟେଷ୍ଟ) ମାଧ୍ୟମରେ ଇଂଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଇଁ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯାଇଛି । ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ ପାଇଁ ଶୈକ୍ଷିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁଯାୟୀ ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମର ପାଠ୍ୟ ଖସଡ଼ା ପ୍ରସ୍ତୁତ ହୋଇଛି । ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମରେ ଛାତ୍ରଛାତ୍ରୀମାନେ ଦୁଇଟି ମେଜର ବିଷୟ ସହ ମାଇନର ବିଷୟ ବାଛି ପାରିବେ ।

ଏଥିସହ ଇଂଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମର ପାଠ୍ୟକ୍ରମକୁ ମଲ୍ଟି ଡିସିପ୍ଲିନାରୀ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି । ଆମ ଛାତ୍ରଛାତ୍ରୀମାନେ ହେଉଛନ୍ତି ଆମ ଦେଶର ଭବିଷ୍ୟତ । ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ହୋଇଥିବା ଛାତ୍ରଛାତ୍ରୀମାନେ ଆଗାମୀ ଦିନରେ ଆମ ଶୈକ୍ଷିକ ସମାଜର ନେତୃତ୍ୱ ନେବେ । ସମସ୍ତ ଛାତ୍ରଛାତ୍ରୀଙ୍କର ଉଜ୍ଜଳ ଭବିଷ୍ୟତର କାମନା କରୁଛି ବୋଲି, ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ।

ବୈଠକରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ଇଣ୍ଟିଗ୍ରେଟେଡ ଟିଚର ଏଜୁକେସନ ପ୍ରୋଗ୍ରାମ ପାଠ୍ୟକ୍ରମର ଅଧ୍ୟାପକ ଓ ଅଧ୍ୟାପିକା ଏବଂ ଆଡମିଶନ ନେଇଥିବା ଛାତ୍ରଛାତ୍ରୀମାନେ ଆଭାସୀ ମାଧ୍ୟମରେ ଉପସ୍ଥିତ ରହି ନିଜର ଅନୁଭୂତି ବାଂଟିବା ସହ ଉଚ୍ଚଶିକ୍ଷା ବିଭାଗ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ଆଜିର ବୈଠକରେ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ (ଆଭାସୀ ମାଧ୍ୟମରେ) ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ପ୍ରତିଭା ସାହୁ, ଯୁଗ୍ମ ଶାସନ ସଚିବ ଶ୍ରୀମତୀ ମୌସୁମୀ ନାୟକ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଶବ ବ୍ୟବଚ୍ଛେଦ ପାଇଁ ୩୬ ଘଣ୍ଟା : ବୁଲିବାକୁ ପଡିଲା ତିନି ହସ୍ପିଟାଲ

**ଭବାନୀପାଟଣା, ନ୍ୟୁଜ ବ୍ୟୁରୋ**

ମୃତ୍ୟୁ ପରେ ବି ଶବକୁ ମିଳୁନାହିଁ ଉଚିତ୍ ସମ୍ମାନ । ଶବ ବ୍ୟବଚ୍ଛେଦ ପାଇଁ ହସ୍ପିଟାଲରୁ ହସ୍ପିଟାଲ ମୃତଦେହକୁ ବୁଲାଇବା ଘଟଣା ସମଗ୍ର ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି କରିବା ସହ ମୃତକଙ୍କ ପରିବାରକୁ ଗଭୀର ମର୍ମାହତ କରିଛି । ମିଳିଥିବା ସୂଚନା ମୁତାବକ, କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ଅଧୀନ ସିନ୍ଧିପଦର ପଞ୍ଚାୟତ ବାର୍ଷିକୋନା ଗାଁର କାଳିଆ ମାଝୀଙ୍କ ୧୬ ବର୍ଷୀୟା ଝିଅ ମାଧୁରୀ ଗୁରୁବାର ରାତିରେ ନିଜର ୬ ଜଣ ସାଙ୍ଗଙ୍କ ସହ ଶୋଇଥିବା ବେଳେ ଏକ ବିଷାକ୍ତ ସାପ କାମୁଡ଼ି ଦେଇଥିଲା । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଲୋକେ କଲମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଥୁଆମୂଳ ରାମପୁର ପୋଲିସ ହସ୍ପିଟାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ମୃତଦେହକୁ ଥୁଆମୂଳ ରାମପୁର ହସ୍ପିଟାଲକୁ ନେଇଥିଲା । କିନ୍ତୁ କୌଣସି କାରଣ ଦର୍ଶାଇ ସେଠାରେ ଡାକ୍ତର ଶବ ବ୍ୟବଚ୍ଛେଦ କରିବାକୁ ମନା କରିଦେଇଥିଲେ । ଅନ୍ୟପଟେ କଲମପୁର ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ସୁବିଧା ନଥିବାରୁ, ମୃତଦେହକୁ ଜୟପାଟଣା ହସ୍ପିଟାଲକୁ ନିଆଯାଇ ସେଠାରେ ବ୍ୟବଚ୍ଛେଦ କରାଯାଇଥିଲା । ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ପାଇଁ ଗରିବ ନିରୀହ ଆଦିବାସୀ ପରିବାରକୁ ଦୀର୍ଘ ୩୬ ଘଣ୍ଟା କାଳ ସଂଘର୍ଷ କରିବାକୁ ପଡ଼ିଥିଲା । ଏ ନେଇ ନାବାଳିକାଙ୍କ ବାପା କହିଛନ୍ତି, 'ଝିଅର ଶବ ବ୍ୟବଚ୍ଛେଦ କରିବା ପାଇଁ ଆମକୁ ଦୁଇ ଦିନ ବୁଲିବାକୁ ପଡିଲା । ଶେଷରେ ଶବ ବ୍ୟବଚ୍ଛେଦ କରି ଆଣିଲୁ ।' ଅନ୍ୟପକ୍ଷେ ଜୟପାଟଣା ଡାକ୍ତରଖାନର ଡାକ୍ତର ଶୁବ୍ରଜିତ ବିଶ୍ୱାଳ କହିଛନ୍ତି, 'କଲମପୁରରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ନ ଥିବାରୁ ଜୟପାଟଣାରେ କରାଗଲା । ତେବେ ପୋଲିସ ମୃତ ଦେହକୁ ଥୁଆମୁଳ ରାମପୁର ପଠାଇଥିଲେ ହେଁ ସେଠାରେ କାହିଁକି ବ୍ୟବଚ୍ଛେଦ କରାଗଲା ନାହିଁ କହି ପାରିବି ନାହିଁ ।' ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ବିକାଶ ନେଇ ବଡ଼ ବଡ଼ ଦାବି କରାଯାଉଥିବା ବେଳେ ଏକ ସାଧାରଣ ଶବ ବ୍ୟବଚ୍ଛେଦ ପାଇଁ ୩ଟି ହସ୍ପିଟାଲ ବୁଲିବାକୁ ପଡ଼ିବା କେତେଦୂର ଗ୍ରହଣୀୟ ? ଏହି ଘଟଣା ସ୍ୱାସ୍ଥ୍ୟ ବିଭାଗର ଚରମ ଅବହେଳା ନା ପୋଲିସ ପ୍ରଶାସନର ଅପାରଗତା, ତାହା ଏବେ ତଦନ୍ତ ସାପେକ୍ଷ । ଜଣେ ମୃତ ଆଦିବାସୀ ଝିଅର ଶବକୁ ଆବଶ୍ୟକ ସମ୍ମାନ ନମିଳିବା ଏବଂ ପରିବାରକୁ ଏଭଳି ମାନସିକ ଯନ୍ତ୍ରଣା ଦେବା ଘଟଣା ସଭ୍ୟ ସମାଜକୁ ଲଜ୍ଜିତ କରିଛି ।



ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଏଭିଏସନ୍ ଟର୍ବାଇନ୍ ଫୁଏଲ ମୂଲ୍ୟ ବଢ଼ିଲା, ବଢିବ ଟିକେଟ୍ ଦର

ଗୋଟିଏ ଏୟାରଲାଇନ୍ସର ମୋଟ୍ ଅପରେଟିଂ ଖର୍ଚ୍ଚର ୩୫ ରୁ ୪୦ ପ୍ରତିଶତ କେବଳ ଇନ୍ଧନ ବାବଦରେ ଖର୍ଚ୍ଚ ହୋଇଥାଏ। ଏଭଳି ପରିସ୍ଥିତିରେ ଏଭିଏସନ୍ ଟର୍ବାଇନ୍ ଫୁଏଲ ମହଙ୍ଗା ହେବା କାରଣରୁ ଏୟାରଲାଇନ୍ସଗୁଡ଼ିକର ଖର୍ଚ୍ଚ ବୃଦ୍ଧି ପାଇବ, ଯାହାର ସିଧାସଳଖ ପ୍ରଭାବ ସେମାନଙ୍କର ରୋଜଗାର ଏବଂ ଲାଭ ଉପରେ ପଡ଼ିବ । ଅଗଷ୍ଟ ମାସର ଆରମ୍ଭରେ ୧୯ କେଜି ବିଶିଷ୍ଟ କମର୍ସିଆଲ୍ ଏଲ୍‌ପିଜି ସିଲିଣ୍ଡର ଦର କମି ବ୍ୟବସାୟୀମାନଙ୍କୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିଛି । କିନ୍ତୁ, ଘରୋଇ ଏୟାରଲାଇନ୍ସଗୁଡ଼ିକୁ ବଡ଼ ଝଟକା ମିଳିଛି । ଅଗଷ୍ଟ ପହିଲାରୁ ଏଭିଏସନ୍ ଟର୍ବାଇନ୍ ଫୁଏଲ୍ (ATF) ଅର୍ଥାତ୍ ବିମାନ ଇନ୍ଧନର ଦର ଲିଟର ପ୍ରତି ୫ ଟଙ୍କା ବୃଦ୍ଧି ପାଇଛି। ଏହି ବୃଦ୍ଧି ପରେ ଘରୋଇ ଉଡ଼ାଣ ପାଇଁ ଏଭିଏସନ୍ ଟର୍ବାଇନ୍ ଫୁଏଲ ରେଟ୍ ୧୧୦ ଟଙ୍କା ପ୍ରତି ଲିଟରରୁ ବୃଦ୍ଧି ପାଇ ୧୧୫ ଟଙ୍କା ପ୍ରତି ଲିଟରରେ ପହଞ୍ଚିଛି । ଯେକୌଣସି ଏୟାରଲାଇନ୍ସର ପରିଚାଳନା ଖର୍ଚ୍ଚ ପାଇଁ ଏଭିଏସନ୍ ଟର୍ବାଇନ୍ ଫୁଏଲ ସବୁଠାରୁ ବଡ଼ ଅଂଶ । ସାଧାରଣତଃ ଗୋଟିଏ ଏୟାରଲାଇନ୍ସର ମୋଟ୍ ଅପରେଟିଂ ଖର୍ଚ୍ଚର ୩୫ ରୁ ୪୦ ପ୍ରତିଶତ କେବଳ ଇନ୍ଧନ ବାବଦରେ ଖର୍ଚ୍ଚ ହୋଇଥାଏ । ଏଭଳି ପରିସ୍ଥିତିରେ ଏଭିଏସନ୍ ଟର୍ବାଇନ୍ ଫୁଏଲ ମହଙ୍ଗା ହେବା କାରଣରୁ ଏୟାରଲାଇନ୍ସଗୁଡ଼ିକର ଖର୍ଚ୍ଚ ବୃଦ୍ଧି ପାଇବ, ଯାହାର ସିଧାସଳଖ ପ୍ରଭାବ ସେମାନଙ୍କର ରୋଜଗାର ଏବଂ ଲାଭ ଉପରେ ପଡ଼ିବ । ଇନ୍ଧନର ମୂଲ୍ୟ ବୃଦ୍ଧି ପାଇବା ପରେ ଏୟାରଲାଇନ୍ସଗୁଡ଼ିକ ଉପରେ ଅତିରିକ୍ତ ଖର୍ଚ୍ଚର ବୋଝ ପଡ଼ିବ । ଯଦି ଏଟିଏଫ୍‌ର ଏହି ବର୍ଦ୍ଧିତ ମୂଲ୍ୟ ଦୀର୍ଘ ଦିନ ଯାଏଁ ଏହିପରି ଜାରି ରହେ, ତେବେ କମ୍ପାନିଗୁଡ଼ିକ ଏହାର କିଛି ଅଂଶ ଯାତ୍ରୀମାନଙ୍କୁ ବହନ କରିବାକୁ କହିପାରନ୍ତି ଅର୍ଥାତ୍ ଟିକେଟ୍ ଦର ବଢ଼ାଇ ପାରନ୍ତି । ତେବେ, ଟିକେଟ୍ ଦର ବୃଦ୍ଧି କରିବା ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବେ ଏୟାରଲାଇନ୍ସର ବ୍ୟବସାୟିକ କୌଶଳ ଏବଂ ବଜାରରେ ଚାହିଦା ଉପରେ ନିର୍ଭର କରିବ । ATF (Aviation Turbine Fuel) ହେଉଛି ଏକ ସ୍ୱତନ୍ତ୍ର ଇନ୍ଧନ ଯାହାକି ବିମାନ ଉଡ଼ାଇବା ପାଇଁ ବ୍ୟବହାର କରାଯାଏ । ଏହାର ମୂଲ୍ୟରେ ପରିବର୍ତ୍ତନ ହେଲେ ଏୟାରଲାଇନ୍ସର ପରିଚାଳନା ଖର୍ଚ୍ଚ ସିଧାସଳଖ ପ୍ରଭାବିତ ହୋଇଥାଏ । ଏହି କାରଣରୁ ଏଭିଏସନ୍ ଟର୍ବାଇନ୍ ଫୁଏଲ ଦର ବଢ଼ିଲେ ବା କମିଲେ ଏଭିଏସନ୍ ସେକ୍ଟରର କମ୍ପାନିଗୁଡ଼ିକର ସେୟାର ଏବଂ ବିମାନ ଭଡ଼ା ଉପରେ ସମସ୍ତଙ୍କର ନଜର ରହିଥାଏ । ଯଦି ଏଭିଏସନ୍ ଟର୍ବାଇନ୍ ଫୁଏଲ ଦରରେ କ୍ରମାଗତ ଭାବେ ବୃଦ୍ଧି ଜାରି ରହେ, ତେବେ ଏୟାରଲାଇନ୍ସଗୁଡ଼ିକୁ ଖର୍ଚ୍ଚ ନିୟନ୍ତ୍ରଣ କରିବା ପାଇଁ ଭଡ଼ାରେ ପରିବର୍ତ୍ତନ, ରୁଟ୍ ମ୍ୟାନେଜମେଣ୍ଟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ କାଣ୍ଟଛାଣ୍ଟ କରିବା ପରି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିପାରେ । ଅନ୍ୟପକ୍ଷରେ, ଯଦି ଆଗାମୀ ଦିନରେ ଅଶୋଧିତ ତୈଳ ମୂଲ୍ୟରେ ହ୍ରାସ ଘଟେ, ତେବେ ପୁଣିଥରେ ଏଭିଏସନ୍ ଟର୍ବାଇନ୍ ଫୁଏଲ ଦର କମିବାର ସମ୍ଭାବନା ମଧ୍ୟ ରହିଛି । ତେବେ ଏହା ଯୁଦ୍ଧ ଉପରେ ସଂପୂର୍ଣ୍ଣ ନିର୍ଭର କରେ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ
### ଗୁପ୍ତ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଛୋଟ କଥା କିନ୍ତୁ ବଡ ପରଦା । ଏହାର ଅର୍ଥ ହେଉଛି ଗୁପ୍ତକୁ ଯେ ପରିପ୍ରକାଶ କରେ ସେ କିଏ ? ଗୁଣକୁ ଯେ ଧାରଣ କରି ଗୁଣବନ୍ତ କରାଏ ସେ କିଏ ? ଗୋଟିଏ ଛୋଟ କଥା କହୁଛି ଶୁଣ- କଥାରେ ଅଛି ନାରୀକୁ ବା ସ୍ତ୍ରୀକୁ ଗୁମର କଥା କହିବ ନାହିଁ କି ପେଟର କଥା କହିବ ନାହିଁ । ଏହାର ଅର୍ଥ ସମସ୍ତେ ଜାଣନ୍ତି ଏବଂ କୁହନ୍ତି । ଆରେ ମା ମାଇପ ଏ ହେଲେ ମାଟି ମାଟିରେ ଯେଉଁ ମଞ୍ଜି ବୁଣିବ ସେ ଗଛ ଉଠିବ ହିଁ ଉଠିବ । ସେ ହିଁ ତାର ପରିପ୍ରକାଶ କରିବ ହିଁ କରିବ । ତାର ଗୁଣକୁ ସେ ଗୁଣବନ୍ତ କରିବ ହିଁ କରିବ । କାରଣ ସେ ତାର ଧର୍ମକୁ ପାଳନ କରେ । ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି । କିନ୍ତୁ ସମସ୍ତେ କୁହନ୍ତି ସ୍ତ୍ରୀ ଲୋକଗୁଡାକ ଖରାପ । ତାଙ୍କର ସଂଯମତା ନାହିଁ । ଆରେ ପ୍ରଥମ ମୂଳ କଥା ହେଲା ତୁମର ତ ସଂଯମତା ନାହିଁ । ତୁମେ ତୁମର ବାକ୍ୟର ମଞ୍ଜିକୁ ତାଙ୍କଠାରେ ବୁଣିଲେ ସେ ତ ତାର ଧର୍ମ ପାଳନ କଲା, ସେ ମଞ୍ଜିରୁ ଗଛତ ଉଠିବ ହିଁ ଉଠିବ କାରଣ ସେ ତ ମାଟି । ସେ କେଭେ କାହାର ଧାରୁଆ ହେବ ନାହିଁ । ତୁମେ ତୁଳସୀ ମଞ୍ଜି ବୁଣ କି ବିଛୁଆତି ମଞ୍ଜି ବୁଣ ସେ ତାର ପ୍ରକାଶ କରିବା କଥା କରିବ ତାର ଗୁଣକୁ ଜଗତରେ ଗୁଣବନ୍ତ କରି ଲୋକଲୋଚନକୁ ଆଣିବ ହିଁ ଆଣିବ । ଏଥିରେ ତାର ଦୋଷ କେଉଁଠି ରହିଲା । ତେଣୁ ତୁମେ ଦୋଷ କରି ମା ମୁଣ୍ଡରେ ଲଦି ଦେଉଛ କାହିଁକି ? ମାକୁ ଘୃଣା କରୁଛ କାହିଁକି ? ଏହା କଣ ମାନବ ଜାତିର ସଭ୍ୟତା । ତେଣୁ ହେ ମାନବ ଦୋଷକୁ ସ୍ୱୀକାର କର । ମୁକ୍ତି ପାଇଯିବ । ନଚେତ୍ ତୁମକୁ ହିଁ ସେହି ଫଳ ଭୋଗିବାକୁ ପଡିବ ସାବଧାନ । ହରି ଓଁ ।

# ମହାନ୍ ବିଜୟର ଯାତ୍ରା-ନୀଳାଦ୍ରି ବିଜେ



ଧ୍ରୁବ ଚରଣ ବେହେରା
ଅବସର ପ୍ରାପ୍ତ ଭାରତୀୟ ସାମରିକ ସେବା
ଅଠରବାଟିଆ, ବାଲୁଗାଁ (ଖୋର୍ଦ୍ଧା)
ମୋ:-୮୩୨୮୯୩୦୫୫୪

ସଂସ୍କାର ଓ ସଂସ୍କୃତିର ଦେଶ ଭାରତ ବର୍ଷ । ତା'ର ପ୍ରଥା ପରମ୍ପରା ମଧ୍ୟ ଅତି ନିଆରା । ସେଥି ମଧ୍ୟରୁ ଓଡିଶା ପ୍ରଦେଶର ଐତିହ୍ୟ, କଳା, ସଂସ୍କୃତି ଯୁଗେ ଯୁଗେ ପରିବ୍ୟାପ୍ତ ଓ କାଳଜୟୀ । ଜଗନ୍ନାଥ ସଂସ୍କୃତି ସବୁଠାରୁ ଶ୍ରେଷ୍ଠ ସଂସ୍କୃତି ଭାବେ ଭାରତବର୍ଷରେ ପରିଗଣିତ । କୋଟି ଓଡିଆର ମଉଡମଣି, ଜଗତର ନାଥ ଜଗନ୍ନାଥ, କୋଟି କୈବଲ୍ୟନାଥଙ୍କର ସଂସ୍କୃତିକୁ ଅବଲୋକନ କଲେ ଅନେକ କାହାଣୀ, କିମ୍ବଦନ୍ତୀ ଓ ଇତିହାସ ରୋଚକ ପୂର୍ଣ୍ଣ ଲାଗେ ଯାହା କି ଖୁବ୍ ହୃଦୟସ୍ପର୍ଶୀ ଓ ବିସ୍ମୟକର । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ ନିବିଡ ସୁ ସମନ୍ୱୟ ପ୍ରତିଷ୍ଠା ଓ ମୁକ୍ତିର ମାର୍ଗକୁ ନିଖୁଣ ଭାବରେ ବିଶ୍ଳେଷଣ କରିହୁଏ । ସୃଷ୍ଟିର ଆଦ୍ୟ ମଧ୍ୟ ଓ ଅନ୍ତର ନାୟକ ପ୍ରଭୁ ଶ୍ରୀ ପୁରୁଷୋତ୍ତମଙ୍କର ମାନବୀୟ ଲୀଳା ଏକ ଅଲୌକିକ ବ୍ରହ୍ମର ଇତିହାସ । ଯାହାକୁ ପଠନ ଓ ଶ୍ରବଣ କଲେ ମାନବ ଜୀବନ ଅମୃତମୟ ହୋଇଯାଏ । ତେଣୁ ଶାସ୍ତ୍ରରେ ଲିଖିତ ଅଛି 'ସର୍ବେଂସାଂ ସର୍ବ ଦେବେନାଂ ରାଜା ଶ୍ରୀ ପୁରୁଷୋତ୍ତମ । ସର୍ବେଂସାଂ ସର୍ବ କ୍ଷେତ୍ରାନଂ ରାଜା ଶ୍ରୀ ପୁରୁଷୋତ୍ତମ ।' ସବୁ ଦେବତାଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛନ୍ତି ଜଗନ୍ନାଥ ଏବଂ ଯେତେ ସବୁ ତୀର୍ଥ କ୍ଷେତ୍ର ଏ ଦୁନିଆରେ ଅଛି ସବୁଠାରୁ ଶ୍ରେଷ୍ଠ ଅଟେ ନୀଳାଚଳ ଧାମ ପୁରୀ । ଯେମିତି ନଦୀ ମାନେ ପ୍ରବାହିତ ହୋଇ ଶେଷରେ ସମୁଦ୍ରରେ ମିଶି ଯାଇ ନିଜର ସତ୍ତା ହରାଇ ଦେଇଥାନ୍ତି । ସେହିପରି ଜଣେ ଭକ୍ତ ନୀଳାଚଳ ଧାମ ପରି ପବିତ୍ର ଧାମରେ ପାଦ ରଖିଲେ ତା'ର ମନ ପ୍ରାଣ ଓ ଶରୀର ଭକ୍ତିରେ ଜଗନ୍ନାଥମୟ ହୋଇଯାଏ । ସେ ନିଜକୁ ମଧ୍ୟ ଭୁଲି ଯାଇ ଜଗନ୍ନାଥଙ୍କ ନାମ ପ୍ରେମରେ ମଜ୍ଜି ଯାଆନ୍ତି । ଜନ୍ମ ଓ ମୃତ୍ୟୁ ଧ୍ରୁବ ସତ୍ୟ ଅଟେ । ଏ ସଚରାଚର ପୃଥିବୀରେ ସବୁ ମିଥ୍ୟା । କେବଳ ବ୍ରହ୍ମ ହିଁ ସତ୍ୟ। ସତ୍ୟ ସନାତନର ନାୟକ, ପ୍ରଭୁ ଶ୍ରୀ ଜଗତର ନାଥ ଜଗନ୍ନାଥଙ୍କ ମାନବୀୟ ଲୀଳା ମଧ୍ୟରୁ ପବିତ୍ର ସ୍ନାନ ଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଯାତ୍ରା ସତରେ ବହୁତ ଆନନ୍ଦ ଦାୟକ । ଭକ୍ତ ଓ ଭଗବାନ୍‌ଙ୍କ ମଧ୍ୟରେ ଏହା ହେଉଛି ମିଳନର ଯାତ୍ରା । ଯାହା କି ପ୍ରତିବର୍ଷ ଜ୍ୟେଷ୍ଠ ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇ ନୀଳାଦ୍ରି ବିଜୟରେ ସମାପନ ହୁଏ । ଶ୍ରୀ ଗୁଣ୍ଡିଚା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ତେରଦିନର ଏ ଯାତ୍ରା ଅନେକ ଆନନ୍ଦ ଦାୟକ ଓ ରୋଚକ ପୂର୍ଣ୍ଣ । ପ୍ରଭୁଙ୍କର ଯାତ୍ରା ତ କେବେ ଶେଷ ହୁଏ ନାହିଁ । ପ୍ରଭୁ ବର୍ଷକୁ ଥରେ ରତ୍ନବେଦୀ ତେଜି ଓହ୍ଲାଇ ଆସନ୍ତି ଶ୍ରୀକ୍ଷେତ୍ରର ବଡ ଦାଣ୍ଡକୁ । ମନୁଆଁ ଠାକୁର ସେ ଭକ୍ତଙ୍କ ପାଇଁ ତାଙ୍କ ଆଖିକୁ ନିଦ ନଥାଏ । ସେଥି ପାଇଁ ତାଙ୍କ ନାମ ଚକାଆଖିଆ, ତାଙ୍କ ମନ୍ଦିର ବଡ ଦେଉଳ, ତାଙ୍କ ବାହୁ ମହାବାହୁ, ତାଙ୍କ ନେତ ବଡ ନେତ ପତିତପାବନ, ତାଙ୍କ ଦାଣ୍ଡ ବଡ ଦାଣ୍ଡ, ପ୍ରଭୁ ନିଜେ ବଡ ଠାକୁର । ଛପନ ଭୋଗ କେଉଁ ଦେବତାଙ୍କ ପାଖରେ ଲାଗେ ନାହିଁ କେବଳ ଜଗା ପାଖରେ ଲାଗିଥାଏ । ସେ ସବୁକୁ ଭୁଲି ଯାଇ ଜଗା ବାହାରି ଆସନ୍ତି ବଡ ଦାଣ୍ଡକୁ । ବଡ ରୋଷଘରୁ ରଥଯାତ୍ରା ସମୟରେ ଆଉ ଧୂଆଁ ବି ଟିକେ ବାହାରେ ନାହିଁ । ଶ୍ରୀ ମନ୍ଦିର ଭକ୍ତ ଶୂନ୍ୟ ହୋଇଯାଏ । ସେ ଅଜର, ଅମର , ଅବିନାଶୀ ଓ ସତ୍ୟ ସନାତନ। ଯାହାଙ୍କ ଇଙ୍ଗିତରେ ଏ ସଚରାଚର ପୃଥିବୀ ପରିଚାଳିତ । ପ୍ରଭୁଙ୍କର ମହିମାର ଅନ୍ତ ନାହିଁ । ସେ କୋଟି ଓଡିଆର ମଉଡମଣୀ ଓ ଜଗତ ନିୟନ୍ତା, ହର୍ତ୍ତା , କର୍ତ୍ତା ଦଇବ ବିଧାତା। କଣ ବା ଲେଖିବି ମୁଁ ତାଙ୍କ ବିଷୟରେ। ପ୍ରଭୁ ମୋ ସ୍ୱାମୀ ତାଙ୍କ ମହିମା ତ ଅଥଳ ଗଭୀର । ସେ କେବେ ସାଗର ତ କେବେ ମହାସାଗର, ପୃଥିବୀ ଯାହାଙ୍କ ଇଙ୍ଗିତରେ ଚାଲେ । ଦିନ ରାତି ଯାହାଙ୍କର ଆଦେଶରେ ପରିଚାଳିତ । ସମୟ ଯାହାଙ୍କ ଇଚ୍ଛାରେ ଚାଲେ । ତାଙ୍କର ବିନା ଆଦେଶରେ ଗଛର ପତ୍ରଟେ ବି ହଲେ ନାହିଁ । ସେ ମହାପ୍ରଭୁଙ୍କ ଚରଣ କମଳରେ ଏ ଅଧମର ଅନନ୍ତ କୋଟି ପ୍ରଣାମ । ମହାନ୍ ବିଜୟର ଯାତ୍ରା ନୀଳାଦ୍ରି ବିଜେ। ନୀଳାଦ୍ରି ବିଜୟ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଏକ ସୁନ୍ଦର ଯାତ୍ରା ଅଟେ ଏହି ଯାତ୍ରାରୁ ଅନେକ ଶିକ୍ଷଣୀୟ କଥା ଆମକୁ ଶିଖିବାକୁ ମିଳେ । ଭକ୍ତ ଓ ଭଗବାନ୍‌ଙ୍କ ମଧ୍ୟରେ ପ୍ରେମର ଯାତ୍ରା କହିଲେ କୌଣସି ଅତ୍ୟୁକ୍ତି ହେବନାହିଁ।

ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ରଥ ଯାତ୍ରା ୬ ଭାଗରେ ସମାପ୍ତ ହୋଇଥାଏ । ସ୍ନାନ ଯାତ୍ରା, ଅଣସର ନୀତି, ଶ୍ରୀ ଗୁଣ୍ଡିଚା, ଆଡପବିଜେ, ବାହୁଡା ଯାତ୍ରା ଓ ନୀଳାଦ୍ରି ବିଜେ । ମହାପ୍ରଭୁଙ୍କର ଏ ପବିତ୍ର ଯାତ୍ରା ଜ୍ୟେଷ୍ଠ ମାସ ପୂର୍ଣ୍ଣମୀ ଠାରୁ ଆରମ୍ଭ ହୁଏ ଆଷାଢ ମାସ ତ୍ରୋୟଦଶୀ ତିଥିରେ ସମାପ୍ତ ହୁଏ । ସତ୍ୟ ଯୁଗର କାହାଣୀ ସେତେବେଳେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ସମ୍ମୁଖରେ ସ୍ୱୟଂ ଜଗନ୍ନାଥ ଆବିର୍ଭାବ ହୋଇ ସ୍ନାନ ଯାତ୍ରା ଅନୁଷ୍ଠିତ କରିବାକୁ ଆଦେଶ ଦେଇଥିଲେ । ସେହିଦିନକୁ ଜଗନ୍ନାଥଙ୍କ ଜନ୍ମ ଦିନ ବୋଲି କୁହାଯାଏ । ସ୍ନାନ ଯାତ୍ରାର ଆଉ ଏକ କାହାଣୀ ମଧ୍ୟ ଅଛି । ପ୍ରଭୁ ଜଗନ୍ନାଥଙ୍କର ଜଣେ ପ୍ରିୟ ଭକ୍ତ ମାଧବ ଦାସଙ୍କ ବହୁତ ଦେହ ଖରାପ ହୋଇଥିଲା । ଏତେ ଖରାପ ଯେ ମାଧାବ ଦାସ ଶଯ୍ୟାଶାୟୀ ହୋଇ ପଡିଲେ ନିଜ ଶେଯରେ ପଡି ରହିଲେ ମଧ୍ୟ ମନ ଆତ୍ମା ଓ ହୃଦୟରେ ଜଗନ୍ନାଥଙ୍କୁ ଜପ କରୁଥିଲେ । ପ୍ରଭୁ ଜଗନ୍ନାଥ ଏ କଥା ଜାଣି ପାରି ଛଦ୍ମ ବେଶରେ ଯାଇ ମାଧବ ଦାସର ସେବା କଲାପରେ ଧୀରେ ଧୀରେ ସୁସ୍ଥ ହେବାକୁ ଲାଗିଲେ ଏ ସବୁ ନିତି ଦିନ କାର୍ଯ୍ୟ ସମ୍ବନ୍ଧରେ ମାଧବ ଦାସ ନିଜେ ପ୍ରଭୁଙ୍କୁ ଚିହ୍ନି ପାରିଲା ଓ ପ୍ରଭୁଙ୍କୁ ପ୍ରଶ୍ନ କଲେ ହେ ଭଗବାନ ଆପଣ ତ ଜଗତର ମାଲିକ ମୋର ସେବା କାହିଁକି କରୁଛନ୍ତି ? ସେଇଠି ମାଧବ ଦାସକୁ ପ୍ରଭୁ ଚକାଆଖି କହିଲେ ମାଧବ ଦାସ ତୁମ ଦେହ ବର୍ତ୍ତମାନ ସଂପୂର୍ଣ୍ଣ ଭଲ ହୋଇନାହିଁ ତୁମ ଦେହରେ ଆହୁରି ପନ୍ଦର ଦିନର ଯେଉଁ ଜ୍ୱର ଅଛି ମୁଁ ମୋର ଦେହକୁ ଫେରାଇ ନେଉଛି କାରଣ ମୁଁ ମୋର ଭକ୍ତର ପୀଡାକୁ ଜମା ସହି ପାରେ ନାହିଁ । ତେଣୁ ପ୍ରଭୁ ମାଧବ ଦାସର ଆଉ ପନ୍ଦର ଦିନର ଜ୍ୱରକୁ ନିଜ ଦେହକୁ ଫେରାଇ ନେଇଥିଲେ। ପ୍ରଭୁ କହିଲେ ମୁଁ ମୋର ଭକ୍ତର କଷ୍ଟକୁ ସହି ପାରେ ନାହିଁ ଓ ମୋର ଭକ୍ତ ଏ ଧରାରେ ବାରମ୍ବାର ଜନ୍ମ ନେଉ ଏହା ଚାହେଁ ନାହିଁ । ସେଥିପାଇଁ କଳି ଯୁଗରେ ପ୍ରତି ବର୍ଷ ଜଗନ୍ନାଥଙ୍କର ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ପ୍ରଭୁ ଜଗନ୍ନାଥ ଜ୍ୟେଷ୍ଠ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମାରେ ଉତ୍ତର ଦୁଆରେ ଥିବା ସୁନା କୁଅର ପାଣିରେ (୩୫ ଗରା ଜଗନ୍ନାଥ, ୩୩ ଗରା ବଳଭଦ୍ର, ୨୨ ଗରା ସୁଭଦ୍ରା ଓ ୧୮ ଗରା ସୁଦର୍ଶନ) ମୋଟ ୧୦୮ ଗରା ପାଣି ସ୍ନାନ କରି ଜ୍ୱରରେ ପଡନ୍ତି । ଦଇତାପତି ସେବକଙ୍କ ଦୀର୍ଘ ପନ୍ଦର ଦିନ ସେବାପରେ ପ୍ରଭୁ ଜଗନ୍ନାଥ ଓ ଅନ୍ୟ ବିଗ୍ରହ ମାନେ ସୁସ୍ଥ ହେଲା ପରେ ରାଜାଙ୍କ ଆଦେଶ କ୍ରମେ ରଥଯାତ୍ରା ଅନୁଷ୍ଠିତ ହୁଏ । ପ୍ରଭୁ ଜଗତର ନାଥ ଜଗନ୍ନାଥ ନବ ଯୌବନ ବେଶରେ ରଥ ଉପରେ ବିରାଜମାନ କରି ଭକ୍ତମାନଙ୍କୁ ଶ୍ରୀ ଗୁଣ୍ଡିଚାରେ ଦର୍ଶନ ଦିଅନ୍ତି । ପ୍ରଭୁ ଜଗନ୍ନାଥ ହେଲେ ସ୍ୱୟଂ ମାଲିକ । ବଳଭଦ୍ର ହେଉଛନ୍ତି ଶିବ ଓ ମାତା ସୁଭଦ୍ରା ହେଉଛନ୍ତି ବ୍ରହ୍ମା । ଜଗନ୍ନାଥ ଶରୀର ହେଲେ ଅନ୍ୟ ବିଗ୍ରହ ମାନେ ହେଉଛନ୍ତି ଗୋଟିଏ ଗୋଟିଏ ଅଙ୍ଗ । ପ୍ରଭୁ ବଡ ଦାଣ୍ଡରେ ଭାଇ ଭଉଣୀ, ସୁଦର୍ଶନ ଅନ୍ୟ ପାର୍ଶ୍ୱ ଦେବାତାଙ୍କ ସହିତ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି ଯାହାକୁ ଶ୍ରୀଗୁଣ୍ଡିଚା କୁହାଯାଏ । ବର୍ଷକରେ ଥରେ ପ୍ରଭୁ କର୍ମବେଦୀ ବା ଲୀଳାଭୂମି ଛାଡି ଜନ୍ମ ବେଦୀ ବା ଜନ୍ମଭୂମି ଅର୍ଥାତ ଗୁଣ୍ଡିଚା ମାଆର ଘରକୁ ଯାଆନ୍ତି । ଆଗରେ ବଡ ଭାଇ ବଳଭଦ୍ର ତାଳଧ୍ୱଜ ରଥରେ ବିଜେ କରନ୍ତି, ସୁଭଦ୍ରା ମାଆ ଦର୍ପଦଳନ ଓ କୋଟି ଓଡିଆର ମଉଡମଣି ନନ୍ଦିଘୋଷ ରଥରେ ବିଜେ କରିଲା ପରେ ଭକ୍ତମାନଙ୍କ ସାଙ୍ଗରେ ହଲି ଝୁଲି କରି ଜନ୍ମ ବେଦୀରେ ବିଜେ କରନ୍ତି । ନଅ ଦିନ ଗୁଣ୍ଡିଚା ମାଆର ମନ୍ଦିରରେ ଅବସ୍ଥାନ କରନ୍ତି । ସେହି ସମୟରେ ଗୁଣ୍ଡିଚା ମାଆର ଖୁସି କହିଲେ ନସରେ। ଗୁଣ୍ଡିଚା ମନ୍ଦିର ସ୍ୱର୍ଗପୁର ପରି ଲାଗେ। ଭକ୍ତମାନଙ୍କ ଜୟ ଜଗନ୍ନାଥ ଜୟ ଧ୍ୱନୀରେ ଗୁଣ୍ଡିଚା ମନ୍ଦିର ଫାଟି ପଡିଲା ପରି ପ୍ରତୀୟମାନ ହୁଏ। ପ୍ରଭୁ ଜନ୍ମ ବେଦୀରୁ ଆଡପବିଜେ ପରେ ବହୁଡାରେ ଫେରିଲା ବାଟରେ ମାଉସୀ ମାଆର ପୋଡ ପିଠା କ୍ଷୀରି ପୁରି ମିଠା ଇତ୍ୟାଦି ଖାଇ ୧୦ ଦିନ ପରେ ବାହୁଡା ଯାତ୍ରାରେ ଫେରି ଆସନ୍ତି । ବଡ ଏକାଦଶୀ, ସୁନାବେଶ ଓ ଅଧର ପଣା ନୀତି ପରେ ଆଷାଢ ମାସ ତ୍ରୟୋଦଶୀ ତିଥିରେ ଅନୁଷ୍ଠିତ ହୁଏ ପବିତ୍ର ନୀଳାଦ୍ରି ବିଜେ ଏହା ଏକ ମହାନ ବିଜୟର ଉତ୍ସବ କହିଲେ ଶ୍ରୀ ବିଗ୍ରହଙ୍କ ପାଇଁ କୌଣସି ଅତ୍ୟୁକ୍ତି ହେବ ନାହିଁ । ନଡିଆ ଆଉ ତାଳପତ୍ରରେ ତିଆରି କରିଥିବା ଭୋଇ ସେବକମାନେ ଚାରମାଳ ଆଣନ୍ତି । କୋଠ ସୁଆଁସିଆ ସେବକମାନେ ପ୍ରଭୁଙ୍କର ବଡ ଆଟାଚ, ସିନ୍ଦୁକ, ଗାଧୋଇବା ସାମାନ ଇତ୍ୟାଦି ଆଣନ୍ତି। ପୁଷ୍ପାଳକ ସେବକମାନେ ମଦନମୋହନ ରାମକୃଷ୍ଣଙ୍କୁ ଦକ୍ଷିଣ ଘରେ ବିଜେ କରାନ୍ତି । ପରେ ଆରମ୍ଭ ହୁଏ ନୀଳାଦ୍ରି ବିଜେ । ମହାଜନ ସେବକମାନେ ପ୍ରଭୁ ସୁଦର୍ଶନଙ୍କୁ ପ୍ରଥମେ ରଥରୁ ଆଣି ରତ୍ନ ସିଂହାସନ ପାଖେ ଅଟକି ଯାଆନ୍ତି । ବାଟରେ ବିଗ୍ରହ ମାନେ ପଂକ୍ତି ଭୋଜନ (ସୁଖିଲା ଖାଦ୍ୟ ବା ପ୍ରସାଦ) ଗ୍ରହଣ କରି ଫେରନ୍ତି । ତା' ପରେ ବଡ ଭାଇ ହଳଧର ପ୍ରଭୁ ବଳଭଦ୍ର ଆସନ୍ତି ବାଇଶ ପାହାଚର ଚାକଚକ୍ୟ ଆଡମ୍ବର ପୂର୍ଣ୍ଣ ଅପୂର୍ବ ଶୋଭା ରୋଷଣିରେ । ପରେ ମାଆ ଶକ୍ତିମୟୀ, କାମ୍ପିଲ୍ୟ ବାସିନୀ ଭଗବତୀ ଓ ପାର୍ଶ୍ୱ ଦେବତା ମାନେ ବିଜେ କରନ୍ତି । ବଡ ବିସ୍ମୟ ଠାକୁର ଏ କଳାଠାକୁର ସମସ୍ତଙ୍କୁ ଆଗେ ସମ୍ମାନର ସହିତ ବିଜେ କରାଇ ସାରିବା ପରେ ନିଜେ ବିଜେ ହୁଅନ୍ତି । ଶେଷରେ ପାଳି ପଡେ ମହାନାୟକ ଶ୍ରୀ କାଳିଆ ଠାକୁରଙ୍କର । ପ୍ରଭୁ ରଥରୁ ଓହ୍ଲାଇ ଆସନ୍ତି ରଥ ଶୂନ୍ୟ ହୋଇଯାଏ ଜଗନ୍ନାଥ । ପ୍ରଭୁଙ୍କର ନୀଳାଦ୍ରି ବିଜୟର ଶୋଭା କହିଲେ ସରେ ନାହିଁ । ପ୍ରଭୁଙ୍କର ଘର ବାହୁଡା ନୀତି ଅତି ଚମତ୍କାର । ଧରଣୀ ରାଣୀ ପୁଲକିତ ହୋଇଯାଏ । ସ୍ୱର୍ଗରୁ ଦେବତା ମାନେ ଅମୃତର ଧାରା (ବର୍ଷା) ବୃଷ୍ଟି କରନ୍ତି। ତାରାମାନଙ୍କ ରୋଷଣିରେ ଆକାଶ ଚମକୁଥାଏ ଅପୂର୍ବ ସେ ଶୋଭା ।ବାଣ ପଟୁଆର ରୋଷଣୀ ସାଙ୍ଗକୁ ଭକ୍ତ ମାନଙ୍କର ତୂରୀ, କାହାଳୀ ଓ ଘଣ୍ଟନାଦର ଶବ୍ଦରେ ସିଂହ ଦ୍ୱାର ଲାଗୁଥାଏ ସତେ ବୈକୁଣ୍ଠ ଭୁବନ, କୋଟି ଅମରାବତୀ ପୁର ବି ତା'ହାକୁ ସରି ହେବ ନାହିଁ। କାଳିଅ ଅଞ୍ଜନଗଡାକୁ ପ୍ରଭୁ ଅଣ୍ଟାରେ ଭିଡି ଥାନ୍ତି। ଜଗନ୍ନାଥଙ୍କର ରଥ ଦଉଡିରେ ଶଂଙ୍ଖଚୂଡ ଓ ସ୍ୱର୍ଣ୍ଣଚୂଡ ବିଜେ କରିଥାନ୍ତି । ପ୍ରଭୁଙ୍କର ଫେରିବା ଖବର ଜାଣି ମାଆ ଜଗତ ଜନନୀ ମହାଲକ୍ଷ୍ମୀ ରୋଷେଇ ଘରର ଚାହାଁଣି ମଣ୍ଡପ ଉପରୁ ଲକ୍ଷ୍ୟ କରି ଦୌଡି ଆସି ବଜ୍ର କବାଟ କିଳି ଦିଅନ୍ତି । ଜଗନ୍ନାଥ ଯେତେ ଡାକିଲେ ବି ଶୁଣନ୍ତି ନାହିଁ । ବହୁତ ଅଭିମାନ କରି ଅନେକ ଗାଳି ଦିଅନ୍ତି । ଭଉଣୀ ସୁଭଦ୍ରା ଓ ବଡ ଭାଇ ବଳ ଭଦ୍ରଙ୍କୁ ଲଗେଇ କି ଅନେକ କଟୁ ବଚନ ମଧ୍ୟ କହନ୍ତି । ଏତେକ ପରେ ବି ସ୍ୱୟଂ ଜଗନ୍ନାଥ ଧୈର୍ଯ୍ୟର ସହିତ ମହାଲକ୍ଷ୍ମୀଙ୍କୁ ମନାଇବାରେ କୌଣସି କମି ରଖନ୍ତି ନାହିଁ । ତା' ପରେ ଜଗତନାଥ ସ୍ନେହରେ ମହାଲକ୍ଷ୍ମୀଙ୍କୁ କହନ୍ତି 'ଦ୍ୱାର ମୁଦ୍‌ଘାଟକ ହେ ସିନ୍ଧୁ କନ୍ୟକେ' ଦ୍ୱାର ଖୋଲ ହେ ସିନ୍ଧୁ କନ୍ୟା ଭିତରକୁ ଯିବାକୁ ଦିଅ । ଯାତ୍ରା କରି ମୁଁ ଥକି ପଡିଛି ମୋ ଶରୀରକୁ ପିଡା ହେଉଛି ବହୁତ । ଜଗନ୍ନାଥ ସ୍ନେହ ବତ୍ସଳ ଚିତରେ କହିଲେ ହେ ସିନ୍ଧୁ କନ୍ୟା ମୁଁ ତୁମ ପାଇଁ ନୂଆ ଶାଢି ଆଉ ରସଗୋଲା ନେଇ ଆସିଛି । ଆଉ ରାଗ ନକରି କବାଟ ଖୋଲ । ମନୁଆ ଠାକୁର ପା' ସେ ସବୁରି ମନକୁ ଜାଣି ପାରନ୍ତି। ଏହି କଥା ଶୁଣି ମହାଲକ୍ଷ୍ମୀଙ୍କର ମାନ ଭଗ୍ନ ହୋଇଯାଏ । ଭାରତୀୟ ପରମ୍ପରାରେ ସ୍ୱାମୀମାନେ ପ୍ରାୟତଃ ନୂଆ ଶାଢି ପରିଧାନ କରିବା ପାଇଁ ସବୁବେଳେ ଇଛା କରନ୍ତି ଓ ରସଗୋଲା ଖାଇବାକୁ ଭଲ ପାଆନ୍ତି ଯାହାକି ମହାଲକ୍ଷ୍ମୀଙ୍କ ଏ ପବିତ୍ର ପରମ୍ପରା ଏକ ଜ୍ୱଳନ୍ତ ଉଦାହରଣ । ସତରେ ବିଚିତ୍ର ଠାକୁର ଆଉ ବିଚିତ୍ର ଓ ପରିବ୍ୟାପ୍ତ ତାଙ୍କର ମାନବୀୟ ଲୀଳା । ନୂଆ ଶାଢି ଓ ରସଗୋଲା ଆଣିବା କଥା ଶୁଣିଲା ପରେ ମହାଲକ୍ଷ୍ମୀଙ୍କ ଆଦେଶରେ ବଜ୍ର କବାଟ ଖୋଲା ଯାଇଥାଏ । ମହାପ୍ରଭୁ ମହା ଆଡମ୍ବରରେ ସିଂହଦ୍ୱାର ଦେଇ ଧୀରେ ଧୀରେ ଚାଲି ଆସନ୍ତି ବାଇଶ ପାହଚ ଚମକୁ ଥାଏ ଦଶାବତାର ଦେବତାମାନେ ଖୁସି ହୋଇଯାନ୍ତି, କାରଣ ମହାପ୍ରଭୁ ପୁଣି ବଡ ଦେଉଳ ଭିତରକୁ ଗମନ କରୁଥିବାର ଦୃଶ୍ୟ ଅପୂର୍ବ ଶୋଭାରେ ବିମଣ୍ଡିତ ପୁଣି ଥରେ ଶ୍ରୀମନ୍ଦିର ଭକ୍ତାରଣ୍ୟ ହୋଇଉଠେ । ଆହାଃ କି ସୁନ୍ଦର କାଳିଆର ଘର ବାହୁଡା ନୀତି । ପ୍ରଭୁ ସକାଳ ସମୟରେ ଶ୍ରୀ ଗୁଣ୍ଡିଚା ବିଜେ କରିଥିଲେ ନୀଳାଦ୍ରି ବିଜୟ ରାତିରେ କରୁଛନ୍ତି । ଉତ୍ତର ଆକାଶ ଆଲୋକମୟ ହୋଇ ଯାଇଥାଏ । ଦକ୍ଷିଣ ଦିଗ ଶବ୍ଦମୟ, ପଶ୍ଚିମ ଦିଗ ସୁରଭିତ ସୁଗନ୍ଧ ଯୁକ୍ତ ହୋଇ ଯାଇଥାଏ। ପୂର୍ବ ଦିଗ ଶୋଭାମୟ ଭିତରେ ମୃଦୁ ସମୀର ବା ମଳୟର ମନ୍ଦ ମନ୍ଦ କୋମଳ ସ୍ପର୍ଶ ପ୍ରାଣକୁ ବା ପୂରା ନୀଳାଚଳକୁ ଶୀତଳତା ପ୍ରଦାନ କରୁଥାଏ । ପ୍ରଭୁ ନିଜପୁରକୁ ଆସିବା ପରେ ମହାଲକ୍ଷ୍ମୀଙ୍କ ସହିତ ବାକି ପଡିଥିବା ଗଇଁଠାଳ ଗଣ୍ଠି ଖୋଲାଯାଏ ପୂଜା ବିଧି ଅନୁସାରେ । ପରେ ମହାପ୍ରଭୁ ମହାଲକ୍ଷ୍ମୀକୁ ରସଗୋଲା ନୂଆ ଶାଢି ଉପହାର ଦେଇ ମାନ ଭଞ୍ଜନ କରିଥାନ୍ତି । ସତରେ ଜଗନ୍ନାଥ ଙ୍କର ଏ ବିଜୟର ଲୀଳା ନୀଳାଦ୍ରି ବିଜେ ଅପୂର୍ବ ଓ ଅବର୍ଣ୍ଣନୀୟ। ମହାନ ରୀତି ନୀତି ଓ ସଂସ୍କୃତିରେ ପରିପୂର୍ଣ୍ଣ ଏ ବିଜୟର ଯାତ୍ରା ନୀଳାଦ୍ରି ବିଜୟ । ନୀଳାଦ୍ରି ବିଜେର ପର ଦିନ ନୂଆ ଅଉଡାର ପ୍ରଚଳନ ଆରମ୍ଭ ହୋଇଥାଏ। ପ୍ରଭୁ ଗଲାବେଳେ ଆନନ୍ଦ ବଜାର ଦର୍ଶନ କରି ଯାଆନ୍ତି ପୁଣି ନୀଳାଦ୍ରି ବିଜୟ ସମୟରେ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କଲାବେଳେ ଆନନ୍ଦ ବଜାର ବୁଲି ଦେଖିଥାନ୍ତି । ବର୍ଷକୁ ଦୁଇଥର ଜଗନ୍ନାଥ ମହାପ୍ରଭୁ ଆନନ୍ଦ ବଜାର ଏହି ରଥଯାତ୍ରା ସମୟରେ ଦେଖିଥାନ୍ତି। କେମିତି ଚାଲିଛି ଆନନ୍ଦ ବଜାର । ସତରେ ଜଗତର ନାଥ ଜଗନ୍ନାଥଙ୍କ ମାନବୀୟ ଲୀଳା ବହୁତ ଆନନ୍ଦ ଦାୟକ, ରୋଚକ ପୂର୍ଣ୍ଣ ଓ ବିସ୍ମୟକର। ଜୟ ଜଗନ୍ନାଥ ।

# ଅପରେସନ୍ କାକ୍ଟସ୍



ବିଷ୍ଣୁ ପ୍ରସାଦ ଦାସ
ଝାଞ୍ଜିରୀ ମଙ୍ଗଳା ,
କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭

ଇତିହାସ ପୃଷ୍ଠା ଓଲଟାଇଲେ ଆମକୁ ଅନେକ ଚମକାଇ ଦେବା ପରି ବିଷୟ ଦେଖିବାକୁ ମିଳେ । ବର୍ତ୍ତମାନ ଜେନ-ଜି ଯୁଗରେ ଯୁବକ ଯୁବତୀ ମାନେ ପ୍ରାୟ ପଛକୁ ଫେରି ଚାହିଁବାର ଆଗ୍ରହ ପ୍ରକାଶ କରନ୍ତି ନାହିଁ । ତେଣୁ ଇତିହାସ ତାଙ୍କ ପାଇଁ ଏକ ଅଲୋଡ଼ା ବିଷୟ ହୋଇ ଯାଇଛି । ତେବେ ଇତିହାସ ଆମକୁ ଅତୀତର ଭଲ ମନ୍ଦ ଘଟଣାବଳୀ ଜଣାଇ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାରେ ସାହାଯ୍ୟ କରିଥାଏ । ଅପରେସନ୍ କାକ୍ଟସ୍ ମଧ୍ୟ ଇତିହାସ ପୃଷ୍ଠାରୁ ଆନୀତ ଏକ ସତ୍ୟ ରାଜନୈତିକ ଷଡ଼ଯନ୍ତ୍ରର କାହାଣୀ ଯାହା ୧୯୮୮ ମସିହାରେ ମାଳଦ୍ୱୀପ ଠାରେ ଘଟିଥିଲା । ନଭେମ୍ବର ୩ ତାରିଖ ୧୯୮୮ ମସିହାର କଥା , ଭାରତ ମହାସାଗରରେ ଅବସ୍ଥିତ ଥିବା ଏସିଆର ସବୁଠାରୁ ଛୋଟ ଦ୍ୱୀପ ଦେଶ ମାଳ ଦ୍ୱୀପ ବିଷୟରେ ଆଲୋଚନା କରିବା । ସାରା ପୃଥିବୀର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ମାଳ ଦ୍ୱୀପ ଏକ ରାଜନୈତିକ ଷଡ଼ଯନ୍ତ୍ରର ଶିକାର ହୋଇଥିଲା । ମାଳ ଦ୍ୱୀପର ରାଜଧାନୀ ମାଲେ ସହରରେ ସେହିଦିନ ରାତ୍ରିରେ ଉନ୍ନତ ଆଧୁନିକ ହାତ ହତିଆର ସଜ୍ଜିତ ବିଦ୍ରୋହୀ ମାନେ ଉତ୍ପାତ ଆରମ୍ଭ କରି ଦେଇଥିଲେ । ରାଜଧାନୀରେ ଶାନ୍ତି ଭଙ୍ଗ ହୋଇ ଯାଇଥିଲା । ଏହି ଖବର ମାଳ ଦ୍ୱୀପ ସରକାରଙ୍କ ଦ୍ୱାରା ସାରା ପୃଥିବୀକୁ ଜଣାଇ ସାହାଯ୍ୟ ପାଇଁ ଅନୁରୋଧ କରା ଯାଇଥିଲା । ନୂଆ ଦିଲ୍ଲୀରେ ଥିବା ଭାରତରେ ବୈଦେଶିକ ବିଭାଗର ସଂଯୁକ୍ତ ସଚିବ କୁଲଦୀପ୍ ସହଦେବଙ୍କ ନଜରକୁ ସମ୍ବାଦଟି ଆସିଥିଲା । ସମ୍ବାଦଟି ପଢି ସାରି କୁଲଦୀପ୍ ତୁରନ୍ତ ଉପରିସ୍ଥ ଅଫିସରଙ୍କୁ ଜଣାଇ ଥିଲେ । ସେତେବେଳେ ରାଜୀବ ଗାନ୍ଧୀ ଭାରତର ପ୍ରଧାନ ମନ୍ତ୍ରୀ ଥିଲେ। ତତକ୍ଷଣାତ ଉଚ୍ଚ ସ୍ତରୀୟ ମିଟିଂ ଡକାଯାଇ ନିର୍ଣ୍ଣୟ ନିଆ ଯାଇଥିଲା କି ଭାରତୀୟ ସେନା ତୁରନ୍ତ ମାଳ ଦ୍ୱୀପ ଯାଇ ସେଠାକାର ସରକାରଙ୍କୁ ସହାୟତା କରିବେ । ଏହି ସାମରିକ ଅଭିଯାନର ନାମ ଥିଲା 'ଅପରେସନ କାକ୍ଟସ୍' । ଖୁବ୍ କମ ସମୟ ମଧ୍ୟରେ ଭାରତୀୟ ସେନା ମାଲେ ଠାରେ ପହଞ୍ଚି ଯାଇଥିଲେ । ତେବେ ଏହି ବିଦ୍ରୋହ ପଛର କାହାଣୀ ହେଉଛି - ପ୍ରାୟ ବାର ଶହ ଛୋଟ ବଡ଼ ଦ୍ୱୀପକୁ ନେଇ ମାଳଦ୍ୱୀପ ଦେଶ ଗଠିତ ଏହାର ରାଜଧାନୀ ମାଲେ । ଏହାର ଜନସଂଖ୍ୟା ପ୍ରାୟ ଛଅ ଲକ୍ଷ ମଧ୍ୟରେ ସୀମିତ । ଏହାର ରାଜନୈତିକ ସ୍ଥିରତା ଭାରତ ପାଇଁ ଖୁବ୍ ଜରୁରୀ ବୋଲି ମନେ ହୁଏ । ଅଧିକାଂଶ ସାମୁଦ୍ରିକ ଜାହାଜ ପଥ ଏହି ଦେଶ ନିକଟ ଦେଇ ଯାଇଛି । ଭାରତ ମହାସାଗର ଉପରେ ଅନ୍ୟ ଦେଶ ମାନଙ୍କ ଆଧିପତ୍ୟକୁ ଭାରତ ସହ୍ୟ କରିପାରେ ନାହିଁ । ଭାରତ ମହା ସାଗରରେ ନିଜର ପଡୋଶୀ ଦେଶ ଶ୍ରୀଲଙ୍କା, ମାଳ ଦ୍ୱୀପ ସହିତ ଉତ୍ତମ ସମ୍ପର୍କ ଦେଶର ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ସହିତ ଅନ୍ୟାନ୍ୟ ସୁବିଧା ମଧ୍ୟ ମିଳେ। ୧୯୬୫ ମସିହାରେ ମାଳ ଦ୍ୱୀପ ଇଂରେଜ ମାନଙ୍କ ଠାରୁ ସ୍ୱାଧୀନ ହେଲା । ଏହାର ପ୍ରାୟ ତିନି ବର୍ଷ ପରେ ଏକ ଜନମତ ସଂଗ୍ରହ କରାଯାଇ ମାଳ ଦ୍ୱୀପରେ ଲୋକ ତନ୍ତ୍ର ଶାସନ ବ୍ୟବସ୍ଥା ଆରମ୍ଭ ହୋଇ ଥିଲା। ପ୍ରଥମ ରାଷ୍ଟ୍ରପତି ଭାବେ ଇବ୍ରାହିମ୍ ନାସିର୍ ଦାୟିତ୍ୱ ନେଇଥିଲେ। କିନ୍ତୁ ନିଜର ପାରଦର୍ଶିତା ସେ ଦେଖାଇ ପାରି ନଥିଲେ ଫଳରେ ଜନ ଅସନ୍ତୋଷ ବଢ଼ିଲା, ଜନତା ତାଙ୍କୁ ବିରୋଧ କଲେ। ନାସିର୍ ୧୯୭୮ ମସିହାରେ ଦେଶର ରାଜକୋଷରୁ ଅନେକ ଅର୍ଥ ନେଇ ସିଙ୍ଗାପୁର ପଳାୟନ କରିଥିଲେ । ଏହାପରେ ୧୯୭୮ ମସିହାରେ ନିର୍ବାଚନ ହୋଇଥିଲା , ଅବଦୁଲ ଗାୟୁମ୍ ୧୯୭୮ ମସିହାରୁ ୨୦୦୮ ପର୍ଯ୍ୟନ୍ତ ଦୀର୍ଘ ୩୦ ବର୍ଷ ଧରି ରାଷ୍ଟ୍ରପତି ଦାୟିତ୍ୱ ନିର୍ବାହ କରିଥିଲେ। ୧୯୮୦, ୧୯୮୩ ଏବଂ ୧୯୮୮ ମସିହାରେ ତାଙ୍କ ସରକାରକୁ ଗାଦିଚ୍ୟୁତ କରିବାକୁ ଯୋଜନା କରା ଯାଇଥିଲା । ୧୯୮୮ ମସିହାର ବିରୋଧ ଚରମ ସୀମାରେ ପହଞ୍ଚି ଯାଇଥିଲା । ବିଦ୍ରୋହୀ ମାନେ ଆତଙ୍କ ଖେଳାଇ ଦେଇଥିଲେ, ସରକାର୍ ଏସବୁ ଦେଖି ବିଚଳିତ ହୋଇ ଯାଇଥିଲେ । ସରକାର୍ ଦେଶକୁ ଆତଙ୍କବାଦୀ ମାନଙ୍କ ଠାରୁ ବଞ୍ଚାଇବା ପାଇଁ ପଡ଼ୋଶୀ ତଥା ବନ୍ଧୁ ରଷ୍ଟ୍ରଙ୍କୁ ଅନୁରୋଧ କରିଥିଲେ । ମାଳଦ୍ୱୀପ ସରକାରଙ୍କ ଅନୁରୋଧ କ୍ରମେ ବିଦ୍ରୋହ ଦମନ କରିବାକୁ ଯାଇଥିବା ଭାରତୀୟ ସୈନିକ ମାନଙ୍କ ମିଶନ୍ ଅପରେସନ କାକ୍ଟସ୍ ନାମରେ ବିଶ୍ୱରେ ପରିଚିତି ଲାଭ କରିଥିଲା । ଏହାର ଇତିହାସ.....ନଭେମ୍ବର ୩ ତାରିଖ ୧୯୮୮ ମସିହା ଦିନ ରାଷ୍ଟ୍ରପତି ଗାୟୁମ୍ ଏକ ସରକାରୀ କାର୍ଯ୍ୟକ୍ରମରେ ଭାରତ ଆସି ରାଜୀବ ଗାନ୍ଧୀଙ୍କ ସହିତ ମିଟିଂ କରିବାର ଥିଲା। ରାଷ୍ଟ୍ରପତିଙ୍କ ବ୍ୟୋମଯାନ ଅଧା ବାଟରେ ହୋଇଥିଲା , ଏହି ସମୟରେ ଭାରତରୁ ଖବର ଗଲା ଯେ, ରାଜୀବ ଗାନ୍ଧୀ ନିର୍ବାଚନୀ କାର୍ଯ୍ୟରେ ବାହାରକୁ ଯାଉଛନ୍ତି ତେଣୁ ମିଟିଂ ଅନ୍ୟ ଦିନକୁ ଘୁଞ୍ଚାଇ ଦିଆ ଗଲା । ରାଷ୍ଟ୍ରପତି ଅଧା ବାଟରୁ ମାଳଦ୍ୱୀପ ଫେରି ଆସିଥିଲେ। ବିଦ୍ରୋହୀ ମାନେ ଭାବିଥିଲେ ରାଷ୍ଟ୍ରପତି ବିଦେଶ ଗସ୍ତରେ ଯାଇଛନ୍ତି ଏବଂ ତାଙ୍କୁ ଗାଦିଚ୍ୟୁତ କରିବା ପାଇଁ ଏହା ସୁବର୍ଣ୍ଣ ସୁଯୋଗ । କିନ୍ତୁ ସେମାନେ ଜାଣି ନଥିଲେ ଯେ ରାଷ୍ଟ୍ରପତି ଦେଶକୁ ଫେରି ଆସିଛନ୍ତି। ସାରା ରାତି ବିଦ୍ରୋହୀ ମାନେ ଦେଶର ବିଭିନ୍ନ ସ୍ଥାନକୁ ଛାରଖାର କରିଦେଲେ। ଏହି ବିଦ୍ରୋହୀ ମାନଙ୍କ ନେତା ମାଳଦ୍ୱୀପର ବିଖ୍ୟାତ ବ୍ୟବସାୟୀ ଅବଦୁଲ୍ଲା ଲୁଟିଫି ଏବଂ ଉମା ମହେଶ୍ୱରନ୍ ପିପୁଲସ୍ ଲିବରେସନ୍ ଅର୍ଗାନାଇଜେସନ୍ ତାମିଲ୍ ଇଲମ୍ (ପି ଏଲ ଓ ଟି ଇ ) ଶ୍ରୀଲଙ୍କା ସଂସ୍ଥାର ମୁଖ୍ୟ ବିଦ୍ରୋହୀ ଥିଲେ । ସେମାନେ ରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ ଶାସନ କ୍ଷମତା ନିଜ ହାତକୁ ଆଣିବା ନିମନ୍ତେ ସବୁ ପ୍ରକାର ଯୋଜନାକୁ ସେହି ଦିନ ରାତିରେ ଆରମ୍ଭ କରି ଦେଇଥିଲେ । ଆତଙ୍କ ରଚାଉ ଥିବା ଅପରାଧୀ ମାନେ ସମୁଦ୍ର ପଥ ଦେଇ ପର୍ଯ୍ୟଟକ ରୂପରେ ମାଳଦ୍ୱୀପରେ ପ୍ରବେଶ କରିଥିଲେ । ସେମାନେ ସେହି ରାତିରେ ସରକାରୀ ଅଫିସ୍, ବନ୍ଦର , ବିମାନ ବନ୍ଦର , ଟେଲିଭିଜନ୍ , ରେଡ଼ିଓ ଷ୍ଟେସନ୍ ଠାରୁ ଆରମ୍ଭ କରି ପ୍ରତ୍ୟେକ ଗୁରୁତ୍ୱ ପୂର୍ଣ୍ଣ ସ୍ଥାନକୁ ନିଜ ଦଖଲକୁ ନେଇ ଆସିଥିଲେ । ରାଷ୍ଟ୍ରପତିଙ୍କ ଜୀବନ ପ୍ରତି ବିପଦ ଥିଲା ତେଣୁ ଜାତୀୟ ସୁରକ୍ଷା ବିଭାଗର ଜଣେ ପଦସ୍ଥ ଅଧିକାରୀ ରାଷ୍ଟ୍ରପତିଙ୍କ ସହିତ ତାଙ୍କ ପରିବାର ବର୍ଗଙ୍କୁ ସୁରକ୍ଷା ଦେଇ ଗୁପ୍ତରେ ରକ୍ଷା ମନ୍ତ୍ରୀଙ୍କ ବାସଭବନକୁ ନେଇ ଆସିଥିଲେ । ଆତଙ୍କବାଦୀ ମାନେ ରାଷ୍ଟ୍ରପତି ଭବନ ଦଖଲ କରିନେବା ସହିତ ଶିକ୍ଷା ମନ୍ତ୍ରୀ ଅହମ୍ମଦ ମୁଜତାୱାଙ୍କୁ ବନ୍ଦୀ କରି ନେଇଥିଲେ। ପରିସ୍ଥିତି ଅଣାୟତ୍ତ ହେବା ପରେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ମୁତାବକ ବୈଦେଶିକ ସଚିବ ଇବ୍ରାହିମ୍ ହୁସେନ୍ ଜାକି ବ୍ରିଟେନ୍, ଯୁକ୍ତରାଷ୍ଟ୍ର ଆମେରିକା, ପାକିସ୍ତାନ୍, ଶ୍ରୀଲଙ୍କା, ସିଙ୍ଗାପୁର୍ ଏବଂ ଭାରତ ଇତ୍ୟାଦି ଦେଶକୁ ସହାୟତା ପାଇଁ ଅନୁରୋଧ କରିଥିଲେ । ପାକିସ୍ତାନ୍, ଶ୍ରୀଲଙ୍କା ସିଙ୍ଗାପୁର୍ ମାଳ ଦ୍ୱୀପର ଅନୁରୋଧକୁ ପ୍ରତ୍ୟାଖାନ କରି ଦେଇଥିଲେ । ଆମେରିକା କହିଥିଲା ଯେ ତା'ର ସବୁଠାରୁ ନିକଟତମ ସାମରିକ ଘାଟି ଡିଏଗୋ ଗ୍ରାସିଆ ଯାହା ମାଳ ଦ୍ୱୀପ ଠାରୁ ହଜାରେ କିଲୋମିଟର ଦୂରରେ ରହିଛି । ତେଣୁ ତୁରନ୍ତ ସହାୟତା ପ୍ରଦାନ ସମ୍ଭବ ନୁହେଁ । ବ୍ରିଟେନ୍ ଭାରତରୁ ସହାୟତା ମାଗିବା ପାଇଁ ଉପଦେଶ ଦେଇଥିଲା। ଶେଷରେ ଭାରତ ବନ୍ଧୁ ରାଷ୍ଟ୍ର ମାଳ ଦ୍ୱୀପକୁ ସମସ୍ତ ପ୍ରକାର ସହାୟତା ଦେବାକୁ ରାଜି ହୋଇଗଲା । ଅପରେସନ୍ କାକ୍ଟସ୍ ତା'ର ସାମରିକ କାର୍ଯ୍ୟକଳାପ ପାଇଁ ଯୋଜନା ପ୍ରସ୍ତୁତ କରି ଦେଇ ଥିଲା । ଏହି ଅପରେସନ୍ କାର୍ଯ୍ୟକାରୀ ହେବା ପୂର୍ବରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ମିଟିଂରେ ଉପସ୍ଥିତ ଥିବା ଏୟାର୍ ମାର୍ଶାଲ ଏନ:ସି:ସୁରି ବିମାନ ବାହିନୀର ଆବଶ୍ୟକତା ଅଛି ବୋଲି କହିଥିଲେ । ସେନା ବାହିନୀର ପାରାସୁଟ୍ ବାହିନୀ ଏହି କାର୍ଯ୍ୟରେ ନିୟୋଜିତ ହେବେ ବିମାନ ବାହିନୀ ଏହାକୁ କାର୍ଯ୍ୟକାରୀ କରିବେ । କିନ୍ତୁ ଗୋଟିଏ ଅସୁବିଧା ଥିଲା ସେମାନେ ମାଳ ଦ୍ୱୀପର ଭୌଗଳିକ ନକ୍ସା ଉପରେ ସେତେଟା ଜ୍ଞାତ ନଥିଲେ । ସେହି ସମୟରେ ମାଳ ଦ୍ୱୀପ ରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ର ଦୂତ ଶ୍ରୀ ଏ କେ ବାନାର୍ଜୀ ଭାରତରେ ଉପସ୍ଥିତ ଥିଲେ ଏବଂ ସେ ମାଳଦ୍ୱୀପର ଭୌଗଳିକ ସ୍ଥିତି ଉପରେ ସେନା ବାହିନୀଙ୍କୁ ସବୁ ପ୍ରକାର ବିବରଣୀ ଦେଇଥିଲେ । ମାଲେ ବିମାନ ବନ୍ଦର ଆତଙ୍କବାଦୀଙ୍କ ଦଖଲରେ ଥିଲା ତେଣୁ ଭାରତୀୟ ବାୟୁସେନାର ବିମାନ ସେଠାରେ ଅବତରଣ କରିବା ସମ୍ଭବ ନଥିଲା । ମାଲେ ଠାରୁ କିଛି ଦୂରରେ ହୁଲ୍ ହୁଲେ ନାମକ ଅନ୍ୟ ଏକ ଦ୍ୱିପରେ ଅବତରଣ ସମ୍ଭବ ବୋଲି ଜାଣିବା ପରେ ବିମାନ ବାହିନି ରଣ କୌଶଳ ପ୍ରସ୍ତୁତ କଲେ । ହୁଲ୍ ହୁଲେ ପହଞ୍ଚିବା ପରେ ସୈନିକ ମାନେ ଜଳ ପଥରେ ଆଗେଇ ଯିବେ ଏବଂ ମାଲେ ରେ ପହଞ୍ଚି ବିଦ୍ରୋହୀ ମାନଙ୍କୁ ନିପାତ୍ କରିବେ । ସେହିଦିନ ମଧ୍ୟ ରାତ୍ରିରେ ଭାରତୀୟ ବିମାନ ବାହିନୀର ଇଲ୍ୟୁସିନ୍ ଆଇ.ଏଲ ୭୬ ବିମାନ ହୁଲ୍ ହୁଲେ ଦ୍ୱୀପରେ ଅବତରଣ କରିଥିଲା । ବ୍ରିଗେଡିଅର ଫାରୁକ୍ ବଲ୍ସରଙ୍କ ନେତୃତ୍ୱରେ ପଞ୍ଚମ ପାରାସୁଟ୍ ରେଜିମେଣ୍ଟ , ୧୭ ପାରା ସୁଟ୍ ରେଜିମେଣ୍ଟ ପ୍ରଥମେ ଏହି ଅପରେସନ୍‌କୁ ଚାରି ଗୋଟି ଭାଗରେ ବିଭକ୍ତ କରା ଯାଇଥିଲା । ପ୍ରଥମ ଏବଂ ଦ୍ୱିତୀୟ ଭାଗରେ ଥିବା କମାଣ୍ଡୋ ମାନେ ମାଲେ ସହର ଯାଇ ବିଭିନ୍ନ ସ୍ଥାନରେ ରାଷ୍ଟ୍ରପତିଙ୍କୁ ଖୋଜି ତାଙ୍କୁ ସୁରକ୍ଷା ଦେବେ । ଦ୍ୱିତୀୟ .. ଆତଙ୍କବାଦୀ ମାନଙ୍କୁ ଖୋଜି ଦମନ କରିବେ । ତୃତୀୟ ଭାଗରେ ସମସ୍ତେ କାର୍ଯ୍ୟ ସାରି ହୁଲ ହୁଲେ ବିମାନ ବନ୍ଦର ଠାରେ ଏକାଠି ହେବେ ଏବଂ ଚତୁର୍ଥ ପର୍ଯ୍ୟାୟରେ ରାଷ୍ଟ୍ରପତିଙ୍କୁ ସୁରକ୍ଷା ଦେବା ବା ସୁରକ୍ଷିତ ଅବସ୍ଥାରେ ଭାରତକୁ ନେଇ ଆସିବା କାର୍ଯ୍ୟ କରିବେ। ପୂର୍ବ ଯୋଜନା ଅନୁଯାୟୀ ଅପରେସନ୍ କାକ୍ଟସ୍ ଆରମ୍ଭ ହୋଇଥିଲା । ପ୍ରଥମ ଦଳ ରାଷ୍ଟ୍ରପତିଙ୍କୁ ଖୋଜି ବାହାର କରି ସୁରକ୍ଷା ଦେବାକୁ ସକ୍ଷମ ହୋଇଥିଲେ । ଦ୍ୱିତୀୟ ଦଳ ଆତଙ୍କବାଦୀଙ୍କ ସହିତ ଘମାଘୋଟ ଲଢେଇ କରି ମାଲେ ସହରକୁ ନିଜ ଅକ୍ତିଆରକୁ ନେଇ ଆସିଥିଲେ । ଆତଙ୍କବାଦୀଙ୍କ ମଧ୍ୟରୁ ଅନେକ ବନ୍ଦୀ ହେଲେ, ଅନେକ ଜୀବନ ହରାଇଲେ ଆଉ କିଛି ଗୋଟିଏ ଟୁରିଷ୍ଟ ବୋଟ ଯୋଗେ ପଳାୟନ କରିବାକୁ ଚେଷ୍ଟା କରୁଥିଲେ । ପଳାତକଙ୍କ ମଧ୍ୟରେ ଆତଙ୍କବାଦର ମୁଖ୍ୟ ଅବଦୁଲ୍ଲା ଥିଲା ସେ ମାଳ ଦ୍ୱୀପର ଶିକ୍ଷା ମନ୍ତ୍ରୀ ଏବଂ ଅନ୍ୟ ପାଞ୍ଚ ଜଣଙ୍କୁ ପଣ ବନ୍ଦୀ କରି ନିଜ ସହିତ ଶ୍ରୀଲଙ୍କା ନେଇ ଯିବାକୁ ଚେଷ୍ଟା କରିଥିଲା। କିନ୍ତୁ ଭାରତୀୟ ସୈନିକମାନେ ତାଙ୍କ ପିଛା କଲେ, ଶେଷରେ ଭାରତୀୟ ନୌସେନାର ଜାହାଜ ଏମ ଏସ ଗୋଦାବରୀ ଏବଂ ଏମ ଏସ ବେତବା ଦ୍ୱାରା ପଥ ଅବରୋଧ କରା ଯାଇଥିଲା । ଭୟଙ୍କର ଗୋଳା ବାରୁଦ ବିନିମୟ ପରେ ଶେଷରେ ୧୯ ଜଣ ଆତଙ୍କବାଦୀଙ୍କ ମୃତ୍ୟୁ ହେଲା । ପଣବନ୍ଦୀମାନଙ୍କୁ ମୁକ୍ତି ମିଳିଲା, ମୁଖ୍ୟ ଅପରାଧୀ ଅବଦୁଲ୍ଲା ଧରା ହେଲା । ଅବଦୁଲ୍ଲାଙ୍କୁ ମାଳଦ୍ୱୀପ ସରକାରଙ୍କୁ ହସ୍ତାନ୍ତର କରାହେଲା । ମାଳଦ୍ୱୀପର ରାଷ୍ଟ୍ରପତି ଭାରତର ପ୍ରଧାନମନ୍ତ୍ରୀଙ୍କୁ ଫୋନ୍ ଯୋଗେ ଅଶେଷ ଧନ୍ୟବାଦ ଜ୍ଞାପନ କଲେ । ଭାରତୀୟ ସୈନ ବାହିନୀର ସାହସ ପରାକ୍ରମ ଦ୍ୱାରା ମାଳଦ୍ୱୀପ ସୁରକ୍ଷିତ ରହି ପାରିଲା । ମାଳଦ୍ୱୀପ ରାଜନୀତିରେ ଅନେକ ପରିବର୍ତ୍ତନ ଆସିଛି ଏବଂ ଯାଇଛି । ଭରତ ମହାସାଗର ସଦା ସର୍ବଦା ଶାନ୍ତ ରହୁ ଏବଂ ଏହି କ୍ଷେତ୍ରରେ ଶତ୍ରୁ ଦେଶର ଆଧିପତ୍ୟ ନରହୁ ଏହାହିଁ ଭାରତ ଚାହେଁ । ବନ୍ଧୁତା ଏବଂ ସହଯୋଗର ହାତ ବଢ଼ାଇବା ପାଇଁ ଭାରତ ସଦା ସର୍ବଦା ପ୍ରସ୍ତୁତ । ମାଳଦ୍ୱୀପବାସୀ ଆଜି ମଧ୍ୟ ବିପଦ ସମୟରେ ଭାରତର ସହଯୋଗ ସହାନୁଭୂତି ଭୁଲି ନାହାନ୍ତି । ଅପରେସନ୍ କାକ୍ଟସ୍‌ର ସଫଳତା ଆମ ଦେଶ ପାଇଁ ଏକ ଗର୍ବର ବିଷୟ ହୋଇ ରହିଲା । ବିପଦ ସମୟରେ ବନ୍ଧୁ ବନ୍ଧୁକୁ ସାହାଯ୍ୟ କରିବାକୁ ପ୍ରକୃତ ବନ୍ଧୁତା କୁହାଯାଏ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ମ୍ୟାଚ୍ ଫିକ୍ସିଂ : ୮ ବର୍ଷ ପାଇଁ ଅଖିଲେଶ ରେଡ୍ଡିଙ୍କୁ ବ୍ୟାନ୍ କଲା ଆଇସିସି



**ନୂଆଦିଲ୍ଲୀ**

କ୍ରିକେଟ ଜଗତରୁ ଏକ ଚମକାଇଦେଲା ଭଳି ଖବର ସାମ୍ନାକୁ ଆସିଛି। ମ୍ୟାଚ୍ ଫିକ୍ସିଂ ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଆମେରିକାର କ୍ରିକେଟର ଅଖିଲେଶ ରେଡ୍ଡିଙ୍କୁ ଅନ୍ତର୍ଜାତିକ କ୍ରିକେଟ ପରିଷଦ (ଆଇସିସି) ୮ ବର୍ଷ ପାଇଁ ନିଲମ୍ବିତ କରିଛି। ଆଇସିସିର ଦୁର୍ନୀତି ନିବାରଣ ଟ୍ରିବ୍ୟୁନାଲ ତାଙ୍କୁ ଆଇସିସି ଆଣ୍ଟି-କରପ୍ସନ କୋଡର ତିନୋଟି ନିୟମ ଉଲ୍ଲଂଘନ କରିଥିବାରେ ଦୋଷୀ ବୋଲି ଘୋଷଣା କରିଛି।

ସୂଚନାଯୋଗ୍ୟ ଯେ, ଏହି ଅଭିଯୋଗ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଆୟୋଜିତ ହେବାକୁ ଥିବା ୨୦୨୫ ଆବୁଧାବି ଟି୧୦ ଲିଗ୍ ସହ ଜଡ଼ିତ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଆଇସିସିଙ୍କୁ 'ଡେଜିଗ୍ନେଟେଡ ଆଣ୍ଟି-କରପ୍ସନ ଅଫିସିଆଲ' (ଡିଏସିଓ) ଭାବେ ନିଯୁକ୍ତ କରିଥିଲା।

ଆଇସିସି ପକ୍ଷରୁ ଜାରି କରାଯାଇଥିବା ବିବୃତ୍ତିରେ କୁହାଯାଇଛି ଯେ, ଏହି ୮ ବର୍ଷର ନିଲମ୍ବନ ୨୧ ନଭେମ୍ବର ୨୦୨୫ ଠାରୁ କାର୍ଯ୍ୟକାରୀ ବୋଲି ଗଣାଯିବ, କାରଣ ସେହି ଦିନଠାରୁ ଅଖିଲେଶ ରେଡ୍ଡିଙ୍କୁ ସାମୟିକ ଭାବେ ନିଲମ୍ବିତ କରାଯାଇଥିଲା। ଏବେ ସେ ଆସନ୍ତା ୮ ବର୍ଷ ପର୍ଯ୍ୟନ୍ତ ସମସ୍ତ ପ୍ରକାରର କ୍ରିକେଟ କାର୍ଯ୍ୟକଳାପରୁ ବଞ୍ଚିତ ରହିବେ।

# ବୁମ୍ରାଙ୍କ ବଦଳରେ ରଣଜୀ କିଙ୍ଗ୍ ଆକିବ ନବିଙ୍କୁ ଟେଷ୍ଟ ଟିମ୍‌ରେ ସାମିଲ କଲା ବିସିସିଆଇ

**ନୂଆଦିଲ୍ଲୀ**



ବିସିସିଆଇ ଯଶପ୍ରୀତ ବୁମରାଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରିଛି। ଗତ ରଣଜୀ ଟ୍ରଫି ସିଜିନରେ ସର୍ବାଧିକ ୱିକେଟ୍ ନେଇଥିବା ବୋଲରଙ୍କୁ ଭାରତର ଟେଷ୍ଟ ଦଳରେ ସ୍ଥାନ ଦିଆଯାଇଛି। ଆଘାତ ଯୋଗୁଁ ବୁମ୍ରା ଏହି ସିରିଜରେ ଖେଳିବେ ନାହିଁ।

ଜମ୍ମୁ କାଶ୍ମୀରର ଦ୍ରୁତ ବୋଲର ଆକିବ ନବିଙ୍କୁ ଟିମ୍ ଇଣ୍ଡିଆ ପାଇଁ ଚୟନ କରାଯାଇଛି। ସେ ଶ୍ରୀଲଙ୍କା ବିପକ୍ଷରେ ଭାରତ ଟେଷ୍ଟ ସିରିଜ୍‌ରେ ଯଶପ୍ରୀତ ବୁମ୍ରାଙ୍କ ସ୍ଥାନ ନେବେ। ବୁମ୍ରା ଶେଷ ମୁହୂର୍ତ୍ତରେ ଶ୍ରୀଲଙ୍କା ଟେଷ୍ଟ ଦଳରୁ ଓହରି ଯିବାକୁ ବାଧ୍ୟ ହୋଇଥିଲେ। ତାଙ୍କର ବାମ ଆଣ୍ଠୁରେ ସମସ୍ୟା ରହିଛି, ଯାହା ଫଳରେ ବିସିସିଆଇ ଡାକ୍ତରୀ ଦଳ ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି। ଘାତକ ବୁମ୍ରା ବାଦ୍ ପଡ଼ିବା ପରେ, କିଏ ସୁଯୋଗ ପାଇବ ସେ ବିଷୟରେ କଳ୍ପନାଜଳ୍ପନା ଲାଗି ରହିଥିଲା। ଏକାଧିକ ଖେଳାଳିଙ୍କ ନାମ ସାମ୍ନାକୁ ଆସୁଥିଲା। କିନ୍ତୁ ରଣଜୀ କିଙ୍ଗ୍ ଜମ୍ମୁ କାଶ୍ମୀରର ଆକିବ ନବିଙ୍କୁ ଶେଷରେ ଡକରା ଆସିଛି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ନବିଙ୍କୁ ଟିମ୍ ଇଣ୍ଡିଆରେ ସ୍ଥାନ ମିଳିଛି। ରଣଜୀ ଟ୍ରଫି ମ୍ୟାଚ୍‌ରେ ଜମ୍ମୁ କାଶ୍ମୀର ପାଇଁ କିଙ୍ଗ୍ ସାଜିଥିବା ଆକବି ନବିଙ୍କୁ ବୁମରାଙ୍କ ବଦଳ ଖେଳାଳି ଘୋଷଣା କରିଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ।

ବିସିସିଆଇ ତା'ର ଏକ୍ସ ହ୍ୟାଣ୍ଡେଲରେ ଆକିବ ନବିଙ୍କ ଚୟନ ଖବର ସେୟାର କରି କହିଛି ଯେ, ଏହା ପ୍ରଥମ ଥର ଜମ୍ମୁ କାଶ୍ମୀରର ଜଣେ ବୋଲରଙ୍କୁ ଭାରତର ଟେଷ୍ଟ ଦଳ ପାଇଁ ଚୟନ କରାଯାଇଛି। ଘରୋଇ କ୍ରିକେଟରେ ପ୍ରଭାବଶାଳୀ ପ୍ରଦର୍ଶନ ଯୋଗୁଁ ଭାରତର ଟେଷ୍ଟ ଦଳରେ ଆକିବ ନବିଙ୍କ ସାମିଲ ହୋଇଛି। ନବି ଗତ ଦୁଇଟି ରଣଜୀ ଟ୍ରଫି ସିଜିନରେ ୧୦୪ଟି ୱିକେଟ୍ ନେଇଛନ୍ତି। ସେ ୨୦୨୫-୨୬ ସିଜିନରେ ଏଥିମଧ୍ୟରୁ ୬୦ ୱିକେଟ୍ ନେଇଥିଲେ, ଯାହା ଜମ୍ମୁ କାଶ୍ମୀରକୁ ପ୍ରଥମ ରଣଜୀ ଟ୍ରଫି ଟାଇଟଲ୍ ଜିତିବାରେ ସହାୟକ ହୋଇଥିଲା। ଡାହାଣହାତୀ ଦ୍ରୁତ ବୋଲର ନବି ମଧ୍ୟ ଶ୍ରୀଲଙ୍କା ଗସ୍ତ କରିଥିବା ଭାରତ ଏ ଦଳର ଅଂଶ ଥିଲେ। ସେ ସେଠାରେ ଦୁଇଟି ଟେଷ୍ଟ ମ୍ୟାଚ୍‌ରେ ୬ଟି ୱିକେଟ୍ ନେଇଥିଲେ।

ଶ୍ରୀଲଙ୍କା ଗସ୍ତ ପାଇଁ ଭାରତର ଟେଷ୍ଟ ଦଳ : ଶୁଭମନ ଗିଲ୍ (ଅଧିନାୟକ), କେଏଲ ରାହୁଲ (ଉପ-ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ରିଷଭ ପନ୍ତ, ସାଇ ସୁଦର୍ଶନ, ଧ୍ରୁବ ଜୁରେଲ୍, ରବିନ୍ଦ୍ର ଜାଡେଜା, ମାନବ ସୁଥାର, କୁଲଦୀପ ଯାଦବ, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣ, ଆକିବ୍ ନବି, ଗୁରନୁର ବ୍ରାର, ଦେବଦତ୍ତ ପାଡିକ୍କଲ୍ ଏବଂ ସାରାଂଶ ଜୈନ।

ଶ୍ରୀଲଙ୍କା ଗସ୍ତ ସୂଚୀ : ଭାରତୀୟ ଦଳ ଅଗଷ୍ଟ ୪ ତାରିଖରେ ଶ୍ରୀଲଙ୍କା ଅଭିମୁଖେ ଯାତ୍ରା କରିବ, ଯେଉଁଠାରେ ସେମାନେ ପ୍ରଥମେ ଅଗଷ୍ଟ ୭ ତାରିଖରୁ କଲମ୍ବୋରେ ଏକ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଖେଳିବେ। ସିରିଜ୍‌ର ପ୍ରଥମ ଟେଷ୍ଟ ଅଗଷ୍ଟ ୧୫ ତାରିଖରୁ ଗାଲେରେ ଖେଳାଯିବ। ଦ୍ୱିତୀୟ ଟେଷ୍ଟ ଅଗଷ୍ଟ ୨୩ ତାରିଖରେ କଲମ୍ବୋରେ ଆରମ୍ଭ ହେବ।

# ଦୁଲୀପ ଟ୍ରଫି : ଦକ୍ଷିଣ ଜୋନ୍ ଦଳର ଅଧିନାୟକ ହେଲେ ତିଲକ ବର୍ମା



**ନୂଆଦିଲ୍ଲୀ**

୨୦୨୬ ଦୁଲୀପ ଟ୍ରଫି ଫାଷ୍ଟ କ୍ଲାସ୍ ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଛଅଟି ଦଳ ଅଂଶଗ୍ରହଣ କରିବେ। ପଶ୍ଚିମ ଜୋନ୍, ପୂର୍ବ ଜୋନ୍, ଦକ୍ଷିଣ ଜୋନ୍, ଉତ୍ତର ଜୋନ୍, ଉତ୍ତର-ପୂର୍ବ ଜୋନ୍ ଏବଂ କେନ୍ଦ୍ରୀୟ ଜୋନ୍। ଦକ୍ଷିଣ ଜୋନ୍ ଦଳ ଏବେ ଘୋଷଣା କରାଯାଇଛି, ତିଲକ ବର୍ମାଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଥିବା ବେଳେ ଆନ୍ଧ୍ର ବ୍ୟାଟର ରିକି ଭୁଇ ଉପ-ଅଧିନାୟକ ଭାବରେ ଦାୟିତ୍ୱ ସମ୍ଭାଳିବେ।

କୌଣସି ଦଳ ପାଇଁ ଅଧିନାୟକ ହେବାର ଦାୟିତ୍ୱ ତିଲକ ବର୍ମାଙ୍କ ପାଇଁ ଏହା ପ୍ରଥମ ନୁହେଁ ବରଂ ସେ ପୂର୍ବରୁ ହାଇଦ୍ରାବାଦ ଦଳ ଏବଂ ଭାରତ ଏ ଦଳର ନେତୃତ୍ୱ ନେଇଥିଲେ। ଦକ୍ଷିଣ ଜୋନ୍ ଦଳରେ କରୁଣ ନାୟାର, ଶ୍ରେୟସ ଗୋପାଳ ଏବଂ ଏନ. ଜଗଦୀସନଙ୍କ ଭଳି ପ୍ରମୁଖ କ୍ରିକେଟର ମଧ୍ୟ ଅଛନ୍ତି।

ତିଲକ ବର୍ମା ଭାରତୀୟ ଟି-୨୦ ଦଳର ଜଣେ ନିୟମିତ ସଦସ୍ୟ ଅଛନ୍ତି ଏବଂ ଏହାର ଉପ-ଅଧିନାୟକ ଭାବରେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସେ ଗତ ବର୍ଷ ଦୁଲୀପ ଟ୍ରଫିରେ ଖେଳି ନଥିଲେ। ଦଳର ଅଧିନାୟକ ଥିଲେ ମହମ୍ମଦ ଆଝାରୁଦ୍ଦିନ, ଯିଏକି ଏଥର ଦଳରେ ସାମିଲ ନାହାନ୍ତି। ଏପର୍ଯ୍ୟନ୍ତ ୨୩ଟି ମ୍ୟାଚ୍ ବିଶିଷ୍ଟ ତାଙ୍କର ପ୍ରଥମ ଶ୍ରେଣୀ କ୍ୟାରିୟରରେ, ତିଲକ ସାତଟି ଶତକ ସହିତ ୧,୫୬୨ ରନ କରିଛନ୍ତି।

ଦୁଲିପ୍ ଟ୍ରଫି ପାଇଁ ସାଉଥ୍ ଜୋନ୍ ଦଳ: ତିଲକ ବର୍ମା (କ୍ୟାପଟେନ୍), ରିକି ଭୁଇ (ଉପ-ଅଧିନାୟକ), ଏସ୍.କେ ରସିଦ, ଅଭିନବ ତେଜରାନା, ଆର. ସ୍ମରଣ, ଏନ ଜଗଦିସନ, କେ ହିମତେଜା, କରୁଣ ନାୟାର, ଟି ତ୍ୟାଗରାଜନ, ଶ୍ରେୟସ ଗୋପାଳ, କେ ସାଇ ତେଜା, ଟି ବିଜୟ, ଅମନ ଖାନ, ବି. କଓ୍ୱରପ୍ପା।

ଦୁଲୀପ ଟ୍ରଫି ଅଗଷ୍ଟ ୨୩ ତାରିଖରୁ ଆରମ୍ଭ ହେବ ଏବଂ ଫାଇନାଲ୍ ସେପ୍ଟେମ୍ବର ୬ ତାରିଖରେ ଖେଳାଯିବ। ଗତବର୍ଷର ଫାଇନାଲିଷ୍ଟ ଦକ୍ଷିଣ ଜୋନ୍ ଏବଂ କେନ୍ଦ୍ରୀୟ ଜୋନ୍ ସିଧାସଳଖ ସେମିଫାଇନାଲରେ ପ୍ରବେଶ ମିଳିଛି। ଏହି ସମୟରେ, କ୍ୱାର୍ଟର ଫାଇନାଲରେ, ପୂର୍ବ ଜୋନ୍, ଉତ୍ତର-ପୂର୍ବ ଜୋନ୍ ସହିତ ଏବଂ ଉତ୍ତର ଜୋନ୍, ପଶ୍ଚିମ ଜୋନ୍ ସହିତ ମୁକାବିଲା କରିବ।

# ଜାତୀୟସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ଚମକ ଦେଖାଇଲେ ଓଡ଼ିଶା ପୁଲିସ କ୍ରୀଡ଼ାବିତ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଜାତୀୟସ୍ତରର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପୁଲିସର କ୍ରୀଡାବିତ୍‌ମାନେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ୧୨ ଜଣ କ୍ରୀଡ଼ାବିତ୍ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡ଼ିଶା ପୁଲିସ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଉପଲକ୍ଷେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ କମିଶନରେଟ୍ ପୁଲିସ ମୁଖ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କୃତୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୨୩ ରୁ ୩୦ ପର୍ଯ୍ୟନ୍ତ ହାଇଦ୍ରାବାଦ ସ୍ଥିତ ଗଚ୍ଛିବୋଉଲି ଇନଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର (୨୦୨୬-୨୭) ଏବଂ ଜୁଲାଇ ୮ ରୁ ୧୧ ପର୍ଯ୍ୟନ୍ତ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ୫ମ ସିନିୟର ନ୍ୟାସନାଲ ଇଣ୍ଡିଆ ତାଇକୋଣ୍ଡୋ ପୁମସେ ଚାମ୍ପିଅନସିପ୍-୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ଉଷୁ, ତାଇକୋଣ୍ଡୋ, କରାଟେ ଏବଂ ପେନକାକ ସିଲଟ ଦଳ ଭାଗ ନେଇ କ୍ରୀଡ଼ାବିତ୍‌ମାନେ ବିଭିନ୍ନ ବିଭାଗରେ ଭାଗ ନେଇ ପଦକ ହାସଲ କରିଛନ୍ତି।

କ୍ରୀଡ଼ାବିତ୍‌ମାନଙ୍କ ଏହି ସଫଳତା ପାଇଁ ଡିଜିପି ସମସ୍ତ ପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଅସାଧାରଣ ପ୍ରତିଭା ଓ ନିଷ୍ଠାର ଭୂୟସୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ରୌପ୍ୟ ପଦକ ବିଜେତାଙ୍କୁ ୪ ହଜାର ଟଙ୍କା ଓ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୩ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ଡିଜିପି ପ୍ରଦାନ କରିଥିଲେ।

ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୋଲିସ କମିଶନର (କଟକ-ଭୁବନେଶ୍ୱର) ଡଃ ଦେବଦତ୍ତ ସିଂ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଓଡିଶା ପୋଲିସର କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପଦକ ହାସଲ କରିଥିବା ପ୍ରମୁଖ କ୍ରୀଡ଼ାବିତ୍ : ଡବ୍ଲୁସି/୨୭ ସାଶ୍ୱତୀ ନାୟକ (ତାଇକୋଣ୍ଡୋ)। ୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟରରେ ରୌପ୍ୟ ଏବଂ ୫ମ ସିନିୟର ନ୍ୟାସନାଲ ତାଇକୋଣ୍ଡୋରେ କାଂସ୍ୟ ପଦକ।

ଡବ୍ଲୁସି/୪୫ ସତ୍ୟପ୍ରକାଶ ମହାନ୍ତି (ତାଇକୋଣ୍ଡୋ): ୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର ଏବଂ ୫ମ ସିନିୟର ନ୍ୟାସନାଲ ତାଇକୋଣ୍ଡୋ ଉଭୟ ପ୍ରତିଯୋଗିତାରେ କାଂସ୍ୟ ପଦକ।

କରାଟେ (୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର) : ରୌପ୍ୟ ପଦକ- ଡବ୍ଲୁସି//୯୬୮ ବ୍ରତତୀ ବିଶ୍ୱପ୍ରଭା ପତି (ବ୍ୟକ୍ତିଗତ ମହିଳା କୁମତି), ଉ/୧୩୬ ରଜନୀ ବିଶି (ବ୍ୟକ୍ତିଗତ ପୁରୁଷ କୁମତି), ସି/୧୫୯ ଡି. ଭଗବାନ ରେଡ୍ଡୀ (ବ୍ୟକ୍ତିଗତ ପୁରୁଷ କୁମତି) ଏବଂ ସି/୧୩୫ ରୀତେଶ ରାୟ (ବ୍ୟକ୍ତିଗତ ପୁରୁଷ କୁମତି)।

କାଂସ୍ୟ ପଦକ (ବ୍ୟକ୍ତିଗତ): ଏଏସଆଇ(ଇ) ଯୋଗେଶ ବରିହା (ପୁରୁଷ କାଟା) ଏବଂ ଡବ୍ଲୁସି/୯୬୮ ବ୍ରତତୀ ବିଶ୍ୱପ୍ରଭା ପତି (ବ୍ୟକ୍ତିଗତ ମହିଳା କୁମତି)।

କାଂସ୍ୟ ପଦକ (ଦଳଗତ) : ମହିଳା ଟିମ୍ କୁମତି- ଡବ୍ଲୁସି/୯୬୮ ବ୍ରତତୀ ବିଶ୍ୱପ୍ରଭା ପତି, ଡବ୍ଲୁସି/୩୯୭ ଅନୁପମା ସ୍ୱାଇଁ, ଡବ୍ଲୁସି/୧୬୮ ମୋନାଲି ସାହୁ ଏବଂ ଡବ୍ଲୁସି/୩୮୯ ସୁସ୍ମିନି ପଲଟାସିଂହ।

ମହିଳା ଟିମ୍ କାଟା: ଡବ୍ଲୁସି/୩୯୭ ଅନୁପମା ସ୍ୱାଇଁ, ଡବ୍ଲୁସି/୩୯୫ ସିନ୍ଧୁ ତନୟା ଖୁଣ୍ଟିଆ ଏବଂ ଡବ୍ଲୁସି/୨୩୮ ଅନୁରାଧା ପାତ୍ର।

# ରାଜ୍ୟସ୍ତରୀୟ ଖୋ-ଖୋ ପ୍ରତିଯୋଗିତା ପାଇଁ ମୟୂରଭଞ୍ଜ ଦଳ ଘୋଷିତ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ଖୋ ଖୋ ଆସୋସିଏସନ ଆନୁକୂଲ୍ୟରେ ପୁରୀ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଖୋ ଖୋ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜର ଉଭୟ ପୁରୁଷ ଓ ମହିଳା ଘୋଷିତ ହୋଇଛି। ମୟୂରଭଞ୍ଜ ଆଥ୍‌ଲେଟିକ୍ ଆସୋସିଏସନ ଦ୍ୱାରା ମନୋନୀତ ମହିଳା ଦଳରେ ସୁମିତା ମହାନ୍ତ, ଶୁଭଶ୍ରୀ ମହାନ୍ତ, ସିନଗା ମୁର୍ମୁ, ଲକ୍ଷ୍ମୀ ସିଂ, ଶୁଭାଙ୍ଗୀଶ୍ରୀୟା ସିଂ, ମାଳତୀ ସୋରେନ, ମନୀଷା ମାଝି, ସଂଗୀତା ସିଂ, ରଇବାରୀ ମୁର୍ମୁ, ସୂର୍ଯ୍ୟମଣୀ ମୁର୍ମୁ, ରାଲେ ହୋ ଓ ପୂଜା ହାଁସଦା ସ୍ଥାନ ପାଇଥିବା ବେଳେ ପୁରୁଷ ଦଳରେ ଓମ କ୍ରିଷ୍ଣା ମାଝୀ, ବୁଦ୍ଧୁଲାଲ ହେମ୍ବ୍ରମ, ଅଶ୍ୱନୀ କୁମାର ନାଏକ, ସ୍ୱପ୍ନେଶ୍ୱର ମାଝୀ, ମହେଶ କୁମାର ହାଁସଦା, କୁଶ ମୁର୍ମୁ, ଲବ ମୁର୍ମୁ, ଚନ୍ଦନ ମାର୍ଣ୍ଡି, ରାହୁଲ ବାସ୍କେ, ରାଜା ବିରୁଆ, ଗଣେଶ ସିଂ ଓ ସିର୍ଜାନ ମୁର୍ମୁ ସ୍ଥାନ ପାଇଛନ୍ତି ଓ ମହିଳା ଦଳର ମ୍ୟାନେଜର ଭାବେ ସବିତା ବେହେରା ଓ କୋଚ୍ ସୁରେଶ ସାହୁ ଏବଂ ପୁରୁଷ ଦଳର ମ୍ୟାନେଜର ଭାବେ ଘାସିରାମ ମାଝୀ ଓ କୋଚ୍ ଅର୍ଜୁନ ସିଂ ଗସ୍ତ କରିଛନ୍ତି ଓ ୩ ଓ ୪ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ଏହି ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ପାଇଁ ସୋମବାର ଉଭୟ ଦଳ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି ଓ ଆସୋସିଏସନର ସାଧାରଣ ସମ୍ପାଦକ ସମ୍ପାଦକ ବିଜୟ କୁମାର ଦାସଙ୍କ ସମେତ ସମସ୍ତ କାଉନସିଲ ସଦସ୍ୟ ଓ ସଭ୍ୟସଭ୍ୟା ଖେଳାଳିମାନଙ୍କର ସଫଳତା କାମନା କରିଛନ୍ତି।

# କାଉଡ଼ିଆଙ୍କ ଜଳଲାଗି ପାଇଁ ଦ୍ୱିତୀୟ ବାରଣାସୀ ଉତ୍ସବମୁଖର



**ସୁବର୍ଣ୍ଣପର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ସହର ହେଉଛି ଅଷ୍ଟଶମ୍ଭୁଙ୍କ ସହର। ଶ୍ରାବଣ ମାସ ଆସିଲେ ପ୍ରଥମ ସୋମବାର ଏବଂ ପବିତ୍ର ମନସା ପଞ୍ଚମୀ (ନାଗପୂଜା) ଅବସରରେ ଦ୍ୱିତୀୟ ବାରାଣସୀ ଭାବେ ପରିଚିତ ସୁବର୍ଣ୍ଣପୁର ସହରର ସମସ୍ତ ଶୈବପୀଠରେ ଭକ୍ତଙ୍କ ପ୍ରବଳ ସମାଗମ ଦେଖିବାକୁ ମିଳିଥିଲା। ପ୍ରାତଃକାଳରୁ କାଉଡ଼ିଆ ଭକ୍ତମାନେ ତ୍ରିବେଣୀ ସଙ୍ଗମରେ ପବିତ୍ର ସ୍ନାନ କରି ବାବା ରାମେଶ୍ୱରଙ୍କ ସମେତ ସୁବର୍ଣ୍ଣମେରୁ, ପଶ୍ଚିମ ସୋମନାଥ, ଗୋକର୍ଣ୍ଣେଶ୍ୱର, ରୁଦ୍ରନାଥ, ସିଦ୍ଧେଶ୍ୱର, ବାଲୁଙ୍କେଶ୍ୱର, ଲୋକନାଥ, ଓଁକାରନାଥ ଏବଂ କାଶୀ ବିଶ୍ୱନାଥଙ୍କ ପୀଠରେ ଜଳାଭିଷେକ କରିଥିଲେ।

ଦିନସାରା ବିଭିନ୍ନ ଶୈବ ପୀଠରେ ନିତ୍ୟନୀତି ଓ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିବା ବେଳେ ସନ୍ଧ୍ୟାରେ ବାବା ପଶ୍ଚିମ ସୋମନାଥ ଓ କାଶୀ ବିଶ୍ୱନାଥଙ୍କ ମନୋମୁଗ୍ଧକର ବଡ଼ସିଂହାର ବେଶ ଦର୍ଶନ ପାଇଁ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଭକ୍ତି, ଆସ୍ଥା ଓ ଆଧ୍ୟାତ୍ମିକ ଉଲ୍ଲାସରେ ସମଗ୍ର ଦେବଭୂମି ସୁବର୍ଣ୍ଣପୁର ଉତ୍ସବମୁଖର ହୋଇଉଠିଥିଲା।

# ଇଣ୍ଡିଆନ୍ ଚ୍ୟାଲେଞ୍ଜର କପ୍ କରାଟେ

## ଓଡ଼ିଶାକୁ ମିଳିଲା ୫୧ ସ୍ୱର୍ଣ୍ଣ ସହ ୬୬ ପଦକ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଦଶମ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା 'ଇଣ୍ଡିଆନ୍ ଚ୍ୟାଲେଞ୍ଜର କପ୍'ରେ ଓଡ଼ିଶା କରାଟେକା ୫୧ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୪ କାଂସ୍ୟ ପଦକ ସହ ମୋଟ ୬୬ ପଦକ ଜିତିଛନ୍ତି। ଏହି ସଫଳତା ଲାଗି ପଦକ ବିଜେତାଙ୍କୁ ଓଡ଼ିଶା କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

ପଦକ ବିଜେତା : ସ୍ୱର୍ଣ୍ଣ- ଉର୍ଜା ସାମନ୍ତ, ରିସାନ ଦାସ, ଜିତିକା ସାମନ୍ତ, ଜିତିଶା ସାମନ୍ତ, ଆଦ୍‌ଭିକ୍ ନାୟକ, ପ୍ରତୀକ୍ଷା ପଣ୍ଡା, ସୂର୍ଯ୍ୟାଂଶ ପଣ୍ଡା, ଈଶାନୀ ପଣ୍ଡା (ପ୍ରତ୍ୟେକ ୨ଟି ଲେଖାଏଁ), ନ୍ୟାସା କୁମାରୀ, ଦିବ୍ୟପ୍ରସାଦ ନାୟକ, ରୋଶନ ସାଇ ପାଲ୍, ଓମ୍ ସତ୍ୟମ ମହାନ୍ତି, ଆଦ୍ୟାଶା ଷଡ଼ଙ୍ଗୀ, ସ୍ନିଗ୍ଧା ସୁବୁଦ୍ଧି, ତୁଷାର ବିଶ୍ୱାଳ, ରାଜୀବ ଭୋଇ, ପଲକ ପାରହି, ଦେବାଶ୍ରିତା ମହାନ୍ତି, ସଞ୍ଜୋଲ ମୁର୍ମୁ, ସଞ୍ଜନା ମୁର୍ମୁ, ସାହେବ ବେରା, ସାରଣ ସୋରେଣ, ଶ୍ରେୟାନ ମାଜି, ଏ ଯଶବନ୍ତ କୁମାର, ଇନ୍ଦ୍ରାଣୀ ବେରା, ଜ୍ୟୋଜିତ ସାମନ୍ତ, ତ୍ରିଲୋଚନ ରଣା, ତ୍ରିନାଥ ରଣା, ଚନ୍ଦନା ପ୍ରିୟଦର୍ଶିନୀ, ସୌରଜିତ ଦାସ, ସ୍ୱୟଂ ପ୍ରକାଶ ଶତପଥୀ, ସୁମନା ଦାସ, ସୁଜ୍ଞାନୀ ସାବତ, ଆଦ୍ୟାଶା ପ୍ରିୟଦର୍ଶିନୀ, ଶଶାଙ୍କ ମହାରଣା, ବିଦ୍ୟାଂଶୁ ସାହୁ, ଦିଶାନ୍ତିକା ପଣ୍ଡା, ଶ୍ରେୟା ଶୁଭଦର୍ଶିନୀ, ରେୟାଂଶୁ ପଣ୍ଡା, ଦିବିତ ସ୍ୱାଇଁ, ଲେ?ଲେଶ ବିଶ୍ୱାଳ, ମୋକ୍ଷିତା ପଣ୍ଡା, ସୂର୍ଯ୍ୟ ନାରାୟଣ ମାର୍ଥା।

ରୌପ୍ୟ- ରୋହିତ କୁମାର ସ୍ୱାଇଁ, ଓମ୍ ଶୁଭମ ମହାନ୍ତି, ଅଦ୍ୟାଶା ଷଡ଼ଙ୍ଗୀ, ଅଙ୍କୁଶ କୁମାର ବାରିକ, ମାର ବାରିକ, ସାହେବ ବେରା, ସୁମନା ଦାସ, ସୋହମ ସ୍ୱାଇଁ, ଶୁଭଙ୍କର ଦେବନାଥ, ଆୟୁଷ୍ମାନ ପାତ୍ର, ଆହାନ୍ନା ଜୋଷୀ।

କାଂସ୍ୟ- ଆଶୁତୋଷ ବେହେରା, ପ୍ରୟାସ ଘୋଷ, ଶଶାଙ୍କ ମହାରଣା।

# ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ୟାଟନ ଗ୍ରହଣ କଲେ ନୀରଜ ଚୋପ୍ରା ଏବଂ ପିଟି ଉଷା

**ଗ୍ଲାସ୍‌ଗୋ**



୧୧ ଦିନ ଧରି ଚାଲିଥିବା କମନୱେଲ୍‌ଥ ଗେମ୍ସ ୨୦୨୬ ଶେଷ ହୋଇଛି। ଉଦ୍‌ଯାପନୀ ସମାରୋହରେ ଆୟୋଜକ ସ୍କଟଲାଣ୍ଡ ପକ୍ଷରୁ କମନୱେଲ୍‌ଥ ଗେମ୍ସର ପତାକା ଏବଂ ଔପଚାରିକ ବ୍ୟାଟନ୍ ଭାରତକୁ ହସ୍ତାନ୍ତର କରାଯାଇଛି। କାରଣ ୨୦୩୦ ମସିହାରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଶତବାର୍ଷିକୀ ସଂସ୍କରଣ ଗୁଜୁରାଟ ଅହମ୍ମଦାବାଦରେ ଅନୁଷ୍ଠିତ ହେବ।

ଏହି ଅବସରରେ ଭାରତ ପକ୍ଷରୁ ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜେତା ନୀରଜ ଚୋପ୍ରା, ଭାରତୀୟ ଅଲିମ୍ପିକ ମହାସଂଘ (ଆଇଓଏ)ର ଅଧକ୍ଷା ପି.ଟି. ଉଷା ଏବଂ ଗୁଜୁରାଟ ଉପମୁଖ୍ୟମନ୍ତ୍ରୀ ହର୍ଷ ସାଂଘଭି ଭାରତ ପକ୍ଷରୁ ପତାକା ଓ ବ୍ୟାଟନ ଗ୍ରହଣ କରିଥିଲେ।

ଅଷ୍ଟ୍ରେଲିଆ ପରେ ଭାରତ ଦ୍ୱିତୀୟ ଦେଶ ଭାବେ ଦ୍ୱିତୀୟ ଥର ପାଇଁ କମନୱେଲ୍‌ଥ ଗେମ୍ସ ଆୟୋଜନ କରିବ। ଏହା ପୂର୍ବରୁ ୨୦୧୦ରେ ନୂଆଦିଲ୍ଲୀରେ କମନୱେଲ୍‌ଥ ଗେମ୍ସ ଆୟୋଜିତ ହୋଇଥିଲା।

ଗ୍ଲାସ୍‌ଗୋରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଉଦଯାପନୀ ଉତ୍ସବରେ ସ୍କଟଲାଣ୍ଡର ସମୃଦ୍ଧ ସାଂସ୍କୃତିକ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ଏହାପରେ ଭାରତର ବିବିଧ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଇଣ୍ଡୋ ସ୍କଟିସ୍ ସଂସ୍କୃତିର 'ଯୁଗଳବନ୍ଦୀ' ମଧ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଯାହାକି ଗ୍ଲାସଗୋରୁ ଅହମ୍ମଦାବାଦକୁ ଦାୟିତ୍ୱ ହସ୍ତାନ୍ତରର ପ୍ରତୀକ ଥିଲା।

ଗ୍ଲାସଗୋରେ ଭାରତକୁ ୩୯ ପଦକ : ଭାରତ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା (କମନୱେଲ୍‌ଥ ଗେମ୍ସ)ରେ ମୋଟ ୩୯ଟି ପଦକ ହାସଲ ସହ ଚତୁର୍ଥ ସ୍ଥାନରେ ରହିଛି। ଏଥିରେ ରହିଛି ୧୩ଟି ସ୍ୱର୍ଣ୍ଣ, ୧୭ଟି ରୌପ୍ୟ ଓ ୯ଟି କାଂସ୍ୟ ପଦକ। ୨୦୨୨ ବର୍ମିଂହାମ କମନୱେଲଥ ଗେମ୍ସରେ ଭାରତ ୬୧ଟି ପଦକ ଜିତିଥିଲା।

ଭାରତ ପକ୍ଷରୁ ଏଥର ୧୨୨ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ଏଥର ଭାରତ ଚତୁର୍ଥ ସ୍ଥାନ ବଜାୟ ରଖିବା ସହ ଉନ୍ନତ ପଦକ ସଫଳତା ହାର ହାସଲ କରିଛି। ଦଳର ୩୮ ଜଣ ଆଥଲେଟ୍ ପଦକ ଜିତିଛନ୍ତି। ଲଙ୍ଗ ଡିଷ୍ଟାନ୍ସ ରନର୍ ଇଭେଣ୍ଟରେ ଗୁଲବୀର ସିଂହ ଏକମାତ୍ର ଭାରତୀୟ ଭାବେ ୨ଟି ପଦକ ଜିତିଛନ୍ତି।

# ସୋହେଲାରେ ୪୫ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ ଓ ଏସ୍‌ପି

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ସୋହେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର ନାଥ ଶତପଥୀଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ଶତପଥୀଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲୁ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପ୍ରଶାନ୍ତ କୁମାର ଦାଶ, ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ଏବଂ ପଦ୍ମପୁର ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

ସୂଚନାଯୋଗ୍ୟ କି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଆଧାରିତ ସମୁଦାୟ ୪୫ ଗୋଟି ଅଭିଯୋଗ ମଧ୍ୟରୁ ୨୯ ଗୋଟି ବ୍ୟକ୍ତିଗତ ଏବଂ ୧୬ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

OFFICE OF THE
**MUNICIPAL COUNCIL, BHADRAK**
BHADRAK

13001/1397/2627

**TENDER CALL NOTICE**
(Through E-Procurement)
Tender Reference No: BM-BDK-05-2026-27
Tender Call Notice No. 3641 /BM/dt.01/02/2026
Tender ID No.

1. Name of the work : Individual Civil construction works as per DTCN published in the website
2. No of works put to tender : 3 Nos' individual civil construction works
3. Estimated cost : As per DTCN
4. Period of completion : As per DTCN
5. Date and time of availability of bid document in the portal : From 10.00 hours of Dt.04.08.26 to 17.00 hours of Dt.18.08.26
6. Mode of deposit towards cost of Bid document & EMD : Online
7. Date and time of opening of bid : 11.00 hours and onwards of Dt. 19.08.2026
8. Name and address of the Officer Inviting Bid : Executive Officer, Bhadrak Municipality, Bhadrak.

Further details can be seen from the e-procurement portal "https://tendersorissa.gov.in" or "http://tenders.ori.nic.in/nicgep/app"

OIPR-13001/13152/1/26-27/0006

Sd/- Executive Officer
Bhadrak Municipality

# ସାମୂହିକ ମହାରୁଦ୍ରାଭିଷେକ ସମ୍ପନ୍ନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀ ହରିସତ୍‌ସଙ୍ଗ ସମିତି ଓ ଏଫ୍‌ଟିଏସ୍ ମହିଳା ସମିତିର ମିଳିତ ଆନୁକୂଲ୍ୟରେ ଟେରାପନ୍ଥ ଭବନ, ଭୁବନେଶ୍ୱରରେ ସାମୂହିକ ମହାରୁଦ୍ରାଭିଷେକ ଭକ୍ତିମୟ ପରିବେଶରେ ସଫଳତାର ସହ ଅନୁଷ୍ଠିତ ହୋଇଛି। ବୈଦିକ ମନ୍ତ୍ରୋଚ୍ଚାରଣ ଓ ପୂଜାର୍ଚ୍ଚନା ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବିଦ୍ୱାନ ପୁରୋହିତମାନଙ୍କ ତତ୍ତ୍ୱାବଧାନରେ ଭଗବାନ ଶିବଙ୍କ ମହାରୁଦ୍ରାଭିଷେକ ସମ୍ପନ୍ନ ହୋଇଥିଲା। ବହୁ ସଂଖ୍ୟକ ଭକ୍ତ ଓ ଯଜମାନଙ୍କ ଉପସ୍ଥିତିରେ ପରିବେଶ 'ହର ହର ମହାଦେବ' ଧ୍ୱନିରେ ମୁଖରିତ ହୋଇଉଠିଥିଲା। ଶ୍ରୀ ହରିସତସଙ୍ଗ ସମିତିର ସଭାପତି ଲାଲଚାନ୍ଦ ମୋହତା ଏବଂ ଏଫ୍‌ଟିଏସ୍ ମହିଳା ସମିତିର ସଭାପତି ଶ୍ୱେତା ଅଗ୍ରୱାଲଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତ ଭକ୍ତ, ପୁରୋହିତ, ଦାତା ଓ ସ୍ୱେଚ୍ଛାସେବୀଙ୍କୁ ଆୟୋଜକମାନେ କୃତଜ୍ଞତା ଜଣାଇଛନ୍ତି।



# ଯାଜପୁରରେ ଅଭିଯୋଗ ଶୁଣାଣି : ୧୯୮ ମାମଲା ପଞ୍ଜିକୃତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୯୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୨୦ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୧୦ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୮ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୬୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଡେପୁଟି କଲେକ୍ଟର, ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ସାରସ୍ୱତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବିନାରାୟଣ ପାଢ଼ୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାରେ ୬ ଜଣ ଦୃଷ୍ଟିବାଧିତ ଛାତ୍ର ଛାତ୍ରୀଙ୍କୁ ଜିଲ୍ଲାପାଳ ମାଗଣା ଲାପଟପ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଜାନକୀ ହେମ୍ବ୍ରମ୍ ଉପସ୍ଥିତ ଥିଲେ।

